

ଉତ୍ତରପ୍ରଦେଶ ସରକାର ବିକ୍ଷୋଭକାରୀଙ୍କ ବିରୋଧରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଦେଶରେ ହିଂସା, ପ୍ରତିଶୋଧର ସ୍ଥାନ ନାହିଁ।

**- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

## ସଂକ୍ଷେପରେ

### ଶ୍ୱାସରୁଦ୍ଧ ହୋଇ ୬ ମୃତ

**ଗାଜିଆବାଦ୍,୩୦।୧୨(ଆଇଏଏନ୍ଏସ୍):** ଶ୍ୱାସରୁଦ୍ଧ ହୋଇ ଗାଜିଆବାଦରେ ୫ ଶିଶୁ ଓ ଜଣେ ମହିଳା ପ୍ରାଣ ହରାଇଥିବା ଜଣାପଡ଼ିଛି। ସ୍ଥାନୀୟ ମୌଲାନା ଆଜାଦ୍ କଲୋନୀର ତଳ ମହଲାରେ ରବିବାର ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ଘର ଧୂଆଁମୟ ହୋଇଯାଇଥିଲା। ଭେଣ୍ଟିଲେଶନ ସୁବିଧା ଘରେ ନ ଥିବାରୁ ୬ ଜଣ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଟିଭି କିମ୍ବା ଫ୍ରିଜ୍‌ରେ ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସୋମବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ମୃତ୍ୟୁବରଣ କରିଥିବା ଶିଶୁମାନେ ୧୨ ବର୍ଷରୁ କମ୍ ବୟସର ହୋଇଥିବାବେଳେ ମହିଳାଙ୍କ ବୟସ ୪୦ ବର୍ଷ ହେବ। ଏହି ଘଟଣାର ତଦନ୍ତ ଜାରି ରହିଥିବା ଗାଜିଆବାଦ୍ ଏସ୍ଏସ୍‌ପି ସୁଧୀର କୁମାର ସିଂ ପ୍ରକାଶ କରିଛନ୍ତି।

### ଉମେଶ ସିହ୍ନା ହେଲେ ନିର୍ବାଚନ ଉପ କମିଶନର



**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ବରିଷ୍ଠ ଆଇଏଏସ୍ ଅଫିସର ଉମେଶ ସିହ୍ନାଙ୍କୁ ନିର୍ବାଚନ ଉପ କମିଶନର ଭାବେ ନିଯୁକ୍ତି ମିଳିଛି। ମଙ୍ଗଳବାର ସେ ଅବସର ନେବାକୁ ଥିବାବେଳେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କର ପୁନଃ ନିଯୁକ୍ତିକୁ ଅନୁମୋଦନ କରିଛି। ୧୯୮୬ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ନିର୍ବାଚନ କମିଶନରେ ମହାସଚିବ ଭାବେ କାର୍ଯ୍ୟ କରୁଥିଲେ।

### ନାଗାଲାଣ୍ଡ ବିଧାନସଭା ବାଚସ୍ପତିଙ୍କ ଦେହାନ୍ତ

**କୋହିମା,୩୦।୧୨(ପି.ଟି.):** ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଭିଖୋ ହୋସୁଙ୍କ ସୋମବାର ମୁମ୍ବାଇର ଏକ ଘରୋଇ



ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଫୁସ୍‌ଫୁସଜନିତ କର୍କଟ ରୋଗରେ ପୀଡ଼ିତ ଥିଲେ। ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟିର ଜଣେ ଟାଣୁଆ ନେତା ଭାବେ ସେ ଜଣାଶୁଣା ଥିଲେ। ୩ ଥର ରାଜ୍ୟ ବିଧାନସଭାକୁ ସେ ନିର୍ବାଚିତ ହୋଇଥିଲେ। ଏବେ ତାଙ୍କ ଧର୍ମପତ୍ନୀଙ୍କ ସହ ୧୦ ସନ୍ତାନ ଅଛନ୍ତି। ମଙ୍ଗଳବାର ତାଙ୍କ ମରଶରୀର ନାଗାଲାଣ୍ଡରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ।

### ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ବିରୋଧରେ ଏତଲା

**ହାଇଦ୍ରାବାଦ, ୩୦।୧୨(ପି.ଟି.):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ବିରୋଧରେ ବରିଷ୍ଠ କଂଗ୍ରେସ ନେତା ଭି. ହନୁମନ୍ତ ରାଓ ସୋମବାର ଏତଲା ଦାଏର କରିଛନ୍ତି। ଦେଶର ସମସ୍ତ ୧୩୦ କୋଟି ଲୋକ ହିନ୍ଦୁ ବୋଲି ଭାଗବତ କହିଥିଲେ। ଏହା ଜନସାଧାରଣଙ୍କ ଭାବାବେଗ ପ୍ରତି ଅପମାନ ବୋଲି ରାଓ କହିଛନ୍ତି।

### [ଇତିହାସର ଆଇନାରେ]

### ଡିସେମ୍ବର ୩୧ର ପ୍ରମୁଖ ଘଟଣା

୨୦୧୪ ଡିସେମ୍ବର ୩୧ରେ ସାଂଘାଇରେ ନୂଆବର୍ଷ ପାଳନ ଉତ୍ସବବେଳେ ଦଳାଚକଟା ହେବାରୁ ପ୍ରାୟ ୪୦ ଜଣଙ୍କ ଜୀବନ ଚାଲିଯାଇଥିଲା। ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୧୩ ଜଣ ଗୁରୁତର ହୋଇପଡ଼ିଥିଲେ। ଏଠାରେ ୩ ଲକ୍ଷଲୋକ ଉତ୍ସବ ମନାଇବା ଲାଗି ରୁଣ୍ଡ ହୋଇଥିଲେ।

୨୦୧୮ ଡିସେମ୍ବର ୩୧ରେ ରୁଷିଆର ମାଗ୍‌ନିଟୋଗୋରସ୍କ ଶିଳ୍ପାଞ୍ଚଳରେ ଥିବା ଏକ ୧୦ ମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବା ଫଳରେ ପ୍ରାୟ ୪୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଶତାଧିକ ଲୋକ ଏଥିରେ ଆହତ ହୋଇଥିଲେ। ଗ୍ୟାସ ବିସ୍ଫୋରଣରୁ ଏହା ହୋଇଥିବା ସନ୍ଦେହ କରାଯାଇଥିଲା।

# ଦିଲ୍ଲୀରେ ୧୧୯ ବର୍ଷର ରେକର୍ଡ ଭାଙ୍ଗିଲା ଶୀତ



ଦିଲ୍ଲୀର ଏକ ରେଳ ଷ୍ଟେଶନରେ ମହିଳାଯାତ୍ରୀ କମ୍ବଳ ଘୋଡାଇ ହୋଇଛନ୍ତି।

- ଘନ କୁହୁଡ଼ି ଯୋଗୁ ଜୀବନଯାତ୍ରା ବ୍ୟାହତ
- ୫୩୦ ବିମାନ ବିଳମ୍ବିତ, ୪ ବାତିଲ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ଦିଲ୍ଲୀରେ ଶୀତ ଦୀର୍ଘ ୧୧୯ ବର୍ଷର ରେକର୍ଡ ଭାଙ୍ଗିଛି। ଦୁଇ ସପ୍ତାହ ହେଲା ଦିଲ୍ଲୀବାସୀ ଶୀତରେ ଥରୁଥିବାବେଳେ ସୋମବାରକୁ ଡିସେମ୍ବରର ସର୍ବାଧିକ ଥଣ୍ଡାଦିନ ବିବେଚିତ କରାଯାଇଛି। ସୋମବାର ଦିଲ୍ଲୀର ସର୍ବାଧିକ ତାପମାତ୍ରା ଥିଲା ମାତ୍ର ୯.୪ ଡିଗ୍ରୀ ସେଲ୍‌ସିୟସ୍ ଥିଲା, ଯାହାକି ସାଧାରଣ ତାପମାତ୍ରାର ଅଧାକୁ ଖସିଆସିଛି। ୧୯୦୧ ପରେ ଏହା ଡିସେମ୍ବରର ସବୁଠୁ ଥଣ୍ଡା ଦିନ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆୟାନଗରର ପାଣିପାଗ କେନ୍ଦ୍ରରେ ସର୍ବାଧିକ ତାପମାତ୍ରା ୭.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରିଜ୍‌ରେ ୮.୪ ଡିଗ୍ରୀ, ପାଲାମରେ ୯ ଡିଗ୍ରୀ ଓ ଲୋଡ଼ିରେ ୯.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ତଳେ ରହିଛି। ଶନିବାର ସଫଦରଜଙ୍ଗ ଅବଜରଭେଟୋରିରେ ସର୍ବନିମ୍ନ ତାପମାତ୍ରା ୨.୪ ଡିଗ୍ରୀ ରେକର୍ଡ କରାଯାଇଥିଲା, ଯାହାକି ଚଳିତ ଶୀତଋତୁର ସର୍ବନିମ୍ନ ତାପମାତ୍ରା।

ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ସାଙ୍ଗକୁ ଘନକୁହୁଡ଼ି ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କୁହୁଡ଼ି ଯୋଗୁ ଭଲ ଦୃଶ୍ୟ ହେଉ ନ ଥିବାରୁ ସୋମବାର ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବାକୁ ଥିବା ୨୦ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଯାଇଥିବାବେଳେ ୪ଟିର ଉଡାଣ ବାତିଲ କରିଦିଆଯାଇଛି। ମଧ୍ୟାହ୍ନ ୧୨ଟା ୫୨ ମିନିଟ ସୁଦ୍ଧା ପାଖାପାଖି ୫୩୦ ବିମାନ ଉଡ଼ାଣ ଓ ଅବତରଣରେ ବିଳମ୍ବ ହୋଇଥିବା ଏୟାରପୋର୍ଟ କର୍ତ୍ତୃପକ୍ଷ କହିଛନ୍ତି। ଉତ୍ତର ଭାରତରେ ଘନକୁହୁଡ଼ି ଯୋଗୁ ବିମାନସେବା ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଅନୁଧ୍ୟାନ କରି ସୋସିଆଲ ପ୍ଲାଟଫର୍ମରେ ଉଡ଼ାଣର ଠିକ୍ ସମୟ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। ଘର ଛାଡ଼ିବା ପୂର୍ବରୁ ବିମାନ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

## କେନାଲକୁ କାର୍ ଖସି ୬ ମୃତ

**ନୋଇଡା,୩୦।୧୨(ପି.ଟି.)**

ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ିର ଆସ୍ତରଣ ଉତ୍ତର ଭାରତକୁ ଆଚ୍ଛାଦିତ କରି ରଖିଥିବାବେଳେ ରାସ୍ତାଘାଟ ଭଲ ଭାବେ ଦୃଶ୍ୟ ହେଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଛି। ରବିବାର ରାତିରେ କୁହୁଡ଼ି ଯୋଗୁ ଉତ୍ତରପ୍ରଦେଶର ଗ୍ରେଟର ନୋଇଡାରେ ଏକ କାର୍ କେନାଲରେ ଖସିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଶିଶୁ ଅଛନ୍ତି। କାର୍‌ରେ ଥିବା ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଏକ ମାରୁତି ଏର୍ଟିଗାରେ ୧୧ ଜଣ ଯାତ୍ରୀ ଯାଉଥିଲାବେଳେ ରାତି ସାଢ଼େ ୧୧ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। କାର୍‌ଟି ଡଙ୍କଉର ଅଞ୍ଚଳର ଖେର୍‌ଲି କେନାଲରେ ଖସିପଡିଥିଲା। ସମସ୍ତ ଯାତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଆଁ

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ଲୋକକଲ୍ୟାଣ ମାର୍ଗ ବାସଭବନ କମ୍ପ୍ଲେକ୍ସରେ ସୋମବାର ସନ୍ଧ୍ୟାରେ ଛୋଟ ଧରଣର ଅଗ୍ନିକାଣ୍ଡ ହୋଇଛି। ସର୍ଟ ସର୍କିଟରୁ ନିଆଁ ଲାଗିଥିବାବେଳେ ଏହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବାସଭବନରୁ ଫୋନ କଲ୍ ପାଇ ୯ଟି ନିଆଁଲିଭା ଗାଡ଼ି ପହଞ୍ଚିଥିଲା। ଇନ୍‌ଭର୍ଟରରୁ ସ୍ପାର୍କ ହୋଇ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟ ନୁହେଁ ଏସ୍‌ପିଜି ରିସେପଶନ୍ ଅଞ୍ଚଳରେ ନିଆଁ ଲାଗିଥିଲା ବୋଲି ପିଏମ୍‌ଓ ପକ୍ଷରୁ ଟୁଇଟ୍ କରାଯାଇଛି।

## ଅଟକ ୫ କଶ୍ମୀରୀ ନେତା ମୁକୁଳିଲେ

**ଶ୍ରୀନଗର,୩୦।୧୨(ପି.ଟି.)**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀର ବିଭାଜନ ଘୋଷଣା ପରେ ଅଗଷ୍ଟ ୫ରୁ ଅଟକ ଥିବା ୫ ଜଣ ରାଜନେତାଙ୍କୁ ପ୍ରଶାସନ ସୋମବାର ମୁକ୍ତ କରିଦେଇଛି। ମୁକୁଳିଥିବା ନେତାମାନେ ହେଲେ ନ୍ୟାଶନାଲ କନ୍‌ଫରେନ୍ସର ଇଶ୍‌ଫାକ୍ ଜବ୍ବାର, ଗୁଲାମ ନବୀ ଭଟ୍ଟ, ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ବଶିର ମୀର୍ ଜହୁର ମୀର୍ ଏବଂ ୟାସିର ରେଶି। ରେଶି ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ବିରୋଧୀ ଭାବେ ଜଣାଶୁଣା। ଗତ ନଭେମ୍ବର ୨୫ରେ ପିଡିପି ନେତା ଦିଲ୍‌ୱାର ମୀର୍ ଏବଂ ଡେମୋକ୍ରାଟିକ୍ ପାର୍ଟି ଅଫ ନ୍ୟାଶନାଲିଷ୍ଟର ନେତା ଗୁଲାମ ହାସନ ମୀରଙ୍କୁ ମୁକ୍ତ କରାଯାଇଥିଲା।

## ଟେକ୍ସାସ ଚର୍ଚ୍ଚରେ ଗୁଳିକାଣ୍ଡ: ୨ ନିହତ

**ହ୍ୟୁଷ୍ଟନ,୩୦।୧୨(ପି.ଟି.)**

ଟେକ୍ସାସ୍‌ର ଏକ ଚର୍ଚ୍ଚରେ ରବିବାର ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ଯବାନଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ହ୍ୱାଇଟ୍ ସେଟଲମେଣ୍ଟରେ ଥିବା ଫ୍ରିୱେ ଚର୍ଚ୍ଚରେ ଲୋକମାନେ ପ୍ରାର୍ଥନା କରୁଥିବାବେଳେ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ଭିଡିଓ ଫୁଟେଜ୍‌ରେ ଦେଖାଯାଇଛି ଆକ୍ରମଣକାରୀ ଚର୍ଚ୍ଚରେ ପହଞ୍ଚିବା ପରେ ଜଣକ ସହ କଥା ହୋଇଥିଲେ ଓ ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ।

### ■ ରାଜନୈତିକ ଦଳଗୁଡ଼ିକୁ ମମତାଙ୍କ ଆହ୍ୱାନ

# ଭାଜପାକୁ ଏକଘରିଆ ଲାଗି ଏକାଠି ହୁଅ

**ପୁରୁଲିଆ,୩୦।୧୨(ପି.ଟି.)**

ଭାଜପାକୁ ଏକଘରିଆ କରିବା ଲାଗି ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ସୋମବାର ସମସ୍ତ ରାଜନୈତିକ ଦଳ ଓ ନାଗରିକ ସମାଜକୁ ଆହ୍ୱାନ କରିଛନ୍ତି। ପଶ୍ଚିମବଙ୍ଗର ପୁରୁଲିଆଠାରେ ଏକ ଜନସଭାକୁ ସମ୍ବୋଧିତ କରି ଭାଜପା ନାଗରିକଙ୍କ ନାଗରିକତ୍ୱ ଛଡ଼ାଇ ନେବା ଲାଗି ପ୍ରୟାସ କରୁଥିବା ଅଭିଯୋଗ କରିଛନ୍ତି। ଏମିତିକି ସିଏଏକୁ ବିରୋଧ କରି ବିକ୍ଷୋଭ କରୁଥିବା ଲୋକଙ୍କୁ ଦେଶଦ୍ରୋହୀ ଭାବେ



ଚିତ୍ରଣ କରାଯାଉଛି। ଏନ୍‌ପିଆର୍‌କୁ ରାଜ୍ୟରେ ଲାଗୁ କରାଯାଇପାରିବ ନାହିଁ ବୋଲି ମମତା କହିଛନ୍ତି। ସମସ୍ତ ରାଜନୈତିକ ଦଳ, ନାଗରିକ ସମାଜ, ଛାତ୍ର ଗୋଷ୍ଠୀ ଦେଶରେ ଭାଜପାର ଏକଚ୍ଛତ୍ରବାଦ ନୀତିକୁ ବିରୋଧ କରିବା ଉଚିତ। ସ୍ୱାଧୀନତା ଛଡ଼ାଇନେବାକୁ ପ୍ରୟାସ କରୁଥିବା ଏହି ଦଳକୁ କୌଣସି ସୁଯୋଗ ଦେବାନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସିଏଏ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏଭଳି ବିରୋଧ ଜାରି ରହିବ ବୋଲି ମମତା କହିଛନ୍ତି। କାହାରିକୁ ଦେଶ ଛାଡ଼ି ଯିବାକୁ ଦିଆଯିବନି। ବେଙ୍ଗଲରେ ସିଏଏ ଓ ଏନ୍‌ପିଆର୍ ଲାଗୁ ହେବାର ପ୍ରଶ୍ନ ଉଠୁନି। ବିଶେଷକରି ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ ବୋଲି ମମତା ପ୍ରକାଶ କରିଛନ୍ତି।

## ଜମ୍ମୁ-କଶ୍ମୀରରେ ନିଯୁକ୍ତି ଲାଗି ସର୍ବଭାରତୀୟ ସ୍ତରରୁ ଦରଖାସ୍ତ ଆହ୍ୱାନ

**ଜମ୍ମୁ,୩୦।୧୨(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସେଠାରେ ନିଯୁକ୍ତି ଲାଗି ପ୍ରଥମ ଥର ପାଇଁ ସର୍ବଭାରତୀୟ ସ୍ତରରୁ ପ୍ରାର୍ଥୀମାନଙ୍କୁ ସୁଯୋଗ ଦିଆଯାଇଛି। ଜମ୍ମୁ-କଶ୍ମୀର ହାଇକୋର୍ଟରେ ଖାଲିଥିବା ୩୩ ପଦବୀ ଲାଗି ସାରା ଦେଶରୁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଷ୍ଟେନୋଗ୍ରାଫର, ଷ୍ଟେନୋ ଟାଇପିଷ୍ଟ, କମ୍ପୋଜିଟର, ଇଲେକ୍ଟ୍ରିସିଆନ ଏବଂ ଡ୍ରାଇଭର ପଦବୀ ଲାଗି ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନପତ୍ର ଦାଖଲର ଶେଷ ତାରିଖ ଜାନୁୟାରୀ ୩୧ ରହିଛି।



କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବା ପରେ ଆଦିତ୍ୟ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ହାତ ମିଳାଉଛନ୍ତି।



ଶ୍ରୀନଗରର ଟାଙ୍ଗମାର୍ଗଠାରେ ତୁଷାରପାତ ପରେ ଏକ ବ୍ରିଜ୍‌ରୁ ବରଫ ଝୁଲି ରହିଛି।

## ସିଏଏ ବିରୋଧରେ ନୂଆବର୍ଷରେ ଅନଶନ କରିବ କଂଗ୍ରେସ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ), ଆର୍ଥିକ ମାନ୍ଦାବସ୍ଥା ଓ ବେରୋଜଗାରୀ ବିରୋଧରେ କଂଗ୍ରେସର ଦିଲ୍ଲୀ ସଂଗଠନ ନୂଆବର୍ଷରେ ୧୨ ଘଣ୍ଟିଆ ଅନଶନରେ ବସିବାକୁ ଘୋଷଣା କରିଛି। କନ୍ନଟ ପ୍ଲେସ୍‌ରେ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟ କରାଯିବ। ସିଏଏକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସାରା ଦେଶ ଆର୍ଥିକ ମାନ୍ଦାବସ୍ଥା ଓ ବେରୋଜଗାରୀ ସମସ୍ୟା ଦେଇ ଗତି କରୁଥିବାବେଳେ ନୂଆବର୍ଷ ପାଳନ କରିବାର କୌଣସି କାରଣ ନାହିଁ ବୋଲି ଦିଲ୍ଲୀ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ କୀର୍ତ୍ତି ଆଜାଦ କହିଛନ୍ତି।

## ୟୁପି ପୋଲିସ କାର୍ଯ୍ୟାନୁଷ୍ଠାନର ବିଚାର ବିଭାଗୀୟ ତଦନ୍ତ ଦାବି

**ଲକ୍ଷ୍ନୌ,୩୦।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ହିଂସାତ୍ମକ ଆନ୍ଦୋଳନ ବେଳେ ଉତ୍ତରପ୍ରଦେଶ ପୋଲିସର ବେଆଇନ କାର୍ଯ୍ୟାନୁଷ୍ଠାନର ବିଚାର ବିଭାଗୀୟ ତଦନ୍ତ ଲାଗି କଂଗ୍ରେସ ଦାବି କରିଛି। ଏନେଇ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଓ ଉତ୍ତର ପ୍ରଦେଶ କଂଗ୍ରେସ ମୁଖ୍ୟ ଅଜୟ କୁମାର ଲାଲୁଙ୍କ ସ୍ୱାକ୍ଷରରେ ୧୪ ପୃଷ୍ଠାର ଏକ ସ୍ମାରକପତ୍ର ରାଜ୍ୟପାଳ ଆନନ୍ଦୀବେନ୍ ପଟେଲଙ୍କୁ ପ୍ରଦାନ କରାଯାଇଛି। ଆନ୍ଦୋଳନ ଦମନ ପାଇଁ ନାଗରିକଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ବେଆଇନ ଓ ନିୟମ ବିରୁଦ୍ଧ ବୋଲି ଏଥିରେ କୁହାଯାଇଛି। ପ୍ରତି ନାଗରିକର ଅଧିକାରର ସୁରକ୍ଷା କରିବା ପୋଲିସର କର୍ତ୍ତବ୍ୟ ହୋଇଥିବା ବେଳେ ଏହାର ଉଲ୍ଲଂଘନ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

## ନାଗାଲାଣ୍ଡରେ ଆଫ୍‌ସ୍ପା ସମୟସୀମା ୬ ମାସ ବଢ଼ିଲା

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ନାଗାଲାଣ୍ଡରେ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ, ୧୯୫୮ (ଆଫ୍‌ସ୍ପା) କାର୍ଯ୍ୟକାଳକୁ ଆଉ ୬ ମାସ ବଢ଼ାଇଦିଆଯାଇଛି। ସୋମବାର କେନ୍ଦ୍ର ସରକାର ଏହି ଘୋଷଣା କରିଛନ୍ତି। ସମଗ୍ର ନାଗାଲାଣ୍ଡରେ ଅସ୍ଥିର ଅବସ୍ଥା ଲାଗିରହିଥିବାରୁ ଆଫ୍‌ସ୍ପା ଆଇନର ବ୍ୟବହାର କରିବାକୁ ପଡୁଛି ବୋଲି ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି। ଏହି ରାଜ୍ୟରେ ୬ ଦଶନ୍ଧି ହେଲା ଆଫ୍‌ସ୍ପା କାର୍ଯ୍ୟକାରୀ ହୋଇଆସୁଛି। ୨୦୧୫ ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ନାଗା ଉଗ୍ରବାଦୀ ସଂଗଠନ ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ ଅଫ୍ ନାଗାଲାଣ୍ଡ (ଆଇଜାକ୍ ମୁଇଭା)ର ସାଧାରଣ ସମ୍ପାଦକ ଥୁଇଙ୍ଗାଲେଙ୍ଗ୍ ମୁଇଭାଙ୍କ ସହ ସରକାରଙ୍କ ମଧ୍ୟସ୍ଥି ଆର୍.ଏନ୍. ରବିଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ସତ୍ତ୍ୱେ ଉକ୍ତ ଆଇନକୁ ଉଠାଯାଇପାରିନାହିଁ। ଏହି ଆଇନ ଆସାମ ସମେତ ମଣିପୁର ଓ ଅରୁଣାଚଳପ୍ରଦେଶର କେତେକ ଅଞ୍ଚଳରେ ମଧ୍ୟ ଲାଗୁ ହୋଇଛି।



### ■ ସିଏଏ ପ୍ରତି ସମର୍ଥନ ଯୋଗାଡ଼ ପ୍ରୟାସ

# ଟୁଇଟର ଅଭିଯାନ ଆରମ୍ଭ କଲେ ମୋଦି

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ପ୍ରତି ଜନସାଧାରଣଙ୍କ ସମର୍ଥନ ଯୋଗାଡ଼ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏକ ଟୁଇଟର୍ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଆଇନ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଲୋକଙ୍କୁ ନାଗରିକତ୍ୱ ଦେବା ପାଇଁ, କାହାର ନାଗରିକତ୍ୱ ଛଡ଼ାଇନେବା ଲାଗି ନୁହେଁ ବୋଲି ସେ ତାଙ୍କର ବ୍ୟକ୍ତିଗତ ୱେବ୍‌ସାଇଟର ଟୁଇଟର ହ୍ୟାଣ୍ଡଲ୍‌ରେ ଲେଖିଛନ୍ତି। ଏହାକୁ ନମୋ ଆପ୍‌ର ଭଲ୍ୟୁଣ୍ଟର ମୋଡୁଲ୍ ସେକ୍ସନରେ ଥିବା ୟୋର ଭଏସ୍ ସେକ୍ସନରେ ଏ ସମ୍ପର୍କିତ ବିଷୟ, ଚିତ୍ର, ଭିଡିଓ ଆଦି ଦେଖିବା ସହ ସମର୍ଥନ ଓ ଶେୟାର କରିବା ପାଇଁ କୁହାଯାଇଛି। ମୋଦିଙ୍କର ଏହି ପୋଷ୍ଟକୁ କିଛି ସମୟ ମଧ୍ୟରେ ୧୩୦୦ ଥର ରିଟୁଇଟ୍ କରାଯିବା ସହ ୨୭୦୦



ଲାଇକ୍ କରାଯାଇଛି ଏବଂ ୩୮୬ ହଜାର ସମର୍ଥନ ମିଳିଛି। ପ୍ରଧାନମନ୍ତ୍ରୀ ଆଧ୍ୟାତ୍ମିକ ଗୁରୁ ଜାଗି ବାସୁଦେବଙ୍କ ଏକ ଭିଡିଓ ମଧ୍ୟ ଟୁଇଟ୍ କରିଛନ୍ତି। ଆଧ୍ୟାତ୍ମିକ ଗୁରୁ ସିଏଏକୁ ସମର୍ଥନ କରି ଏହା ଉପରେ ସ୍ପଷ୍ଟ ବ୍ୟାଖ୍ୟା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାଜପା ନେତ୍ରୀ ମୀନାକ୍ଷୀ ଲେଖି ଟୁଇଟ୍ କରି ନିଷ୍ଠୁର ଧର୍ମାନ୍ଧତାର ବଶବର୍ତ୍ତୀ ନ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ସିଏଏକୁ ସମର୍ଥନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରିଛନ୍ତି। ସିଏଏ ଲାଗୁ ହେଲେ ଭାରତୀୟ ମୁସଲମାନ ନାଗରିକତ୍ୱ ହରାଇବେ ବୋଲି ମିଥ୍ୟା ପ୍ରଚାର କରାଯିବା ସହ ବିରୋଧ ନାଁରେ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରାଯାଉଥିବା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଟୁଇଟ୍ କରିଛନ୍ତି। ଯେଉଁମାନେ ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ସେମାନେ ପ୍ରଥମେ ସେମାନଙ୍କ ହୃଦୟରେ ସ୍ଥାନ ଦେବା ଉଚିତ ବୋଲି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ଟୁଇଟ୍ କରିବା ସହ ଏକ ଭିଡିଓ କ୍ଲିପ୍ ପୋଷ୍ଟ କରିଛନ୍ତି। ତାଙ୍କ ଟୁଇଟ୍‌କୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରିଟୁଇଟ୍ କରିଛନ୍ତି।

ନୂଆ ଆଇନ ସିଏଏ ଡିସେମ୍ବର ୧୧ରେ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଦେଶବ୍ୟାପୀ ଏହାକୁ ବିରୋଧ କରାଯାଉଛି। ପଡୋଶୀ ଦେଶ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଶରଣାର୍ଥୀ ଭାବେ ରହୁଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସରକାର ଏହି ଆଇନ ଆଣିଛନ୍ତି। ତେବେ ଏହି ସୁବିଧାରୁ ପଡୋଶୀ ଦେଶର ମୁସଲମାନଙ୍କୁ ବାଦ୍ ଦିଆଯାଇଥିବାରୁ ଏହାକୁ ସମାଲୋଚନା କରାଯାଇଛି। ସିଏଏ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ବେଳେ ଉତ୍ତରପ୍ରଦେଶରେ ୧୯ ଜଣଙ୍କ ସମେତ ମୋଟ ୨୬ ଜଣଙ୍କ ଜୀବନ ଯାଇଛି। ବିକ୍ଷୋଭକାରୀଙ୍କୁ ଦମନ କରିବା ଲାଗି ପୋଲିସ ମାତ୍ରାଧିକ ବଳ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ପୋଲିସ ଗୁଳିରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଉତ୍ତରପ୍ରଦେଶର ମିରଟରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ବେଳେ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

**ରାଜନଗର, ୩୦।୧୨ (ଡି.ଏନ୍.ଏ.):** ଭୁବନେଶ୍ୱରରେ କାର୍ଯ୍ୟରତ ଜଣେ ମହିଳା ଖବରଦାତାଙ୍କୁ ଏସପ୍ଲାନେଡ୍ ମଲ୍ ପରିସରରେ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣାକୁ ରାଜନଗର ପ୍ରେସ ପରିବାର ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଏହାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କୁ ରାଜନଗର ପ୍ରେସ୍ ପରିବାର ପକ୍ଷରୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଖବରଦାତା ସ୍ମୃତିରଞ୍ଜନ ବେହେରା, ଖବରଦାତା ଭି. ରାଉତରାୟ, ବସନ୍ତ କୁମାର ହାତି, ସୂର୍ଯ୍ୟନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, ମୋହନ ଚନ୍ଦ୍ର ବିଶ୍ୱାଳ, ତାପସ କୁମାର ପରିଡ଼ା, ରଞ୍ଜନ କୁମାର ପ୍ରଧାନ, ପ୍ରବୀର କୁମାର ନାୟକ, କୃତୀବାସ ପ୍ରଧାନ, ସରୋଜ କୁମାର ଦାଶ , ରଶ୍ମୀରଞ୍ଜନ ଦାଶ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଜିଲାସ୍ତରୀୟ ବ୍ୟାଙ୍କର୍ସ ବୈଠକ

**କେନ୍ଦ୍ରାପଡା ଅଫିସ, ୩୦।୧୨:** ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ବ୍ୟାଙ୍କର୍ସ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ପିଡି ଦିଲିପ କୁମାର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୀବିକା ମିଶନ, ମିଶନଶକ୍ତି, ଉଦ୍ୟାନ କୃଷି, ପଶୁକଲ୍ୟାଣ, ମତ୍ସ୍ୟ ବିଭାଗ, ପୌରସଂସ୍ଥା ଆଦି ପକ୍ଷରୁ ବ୍ୟାଙ୍କ ଶାଖାକୁ ଯାଉଥିବା ଋଣ ଦରଖାସ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ବିଭିନ୍ନ ଋଣ ଆବେଦନ ପତ୍ରକୁ ଗୁରୁତ୍ୱ ଦେଇ ନଥିବା ବୈଠକ ସମୀକ୍ଷାରୁ ସୂଚନା ମିଳିଥିଲା। ଲିଡ ବ୍ୟାଙ୍କ ପ୍ରବନ୍ଧକ ସୁନୀଲ ପୁରୋହିତ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସାମିଲ ପାଇଁ ଗୁରୁତ୍ୱ ଦେଇଥିଲେ। ପିଡି ପରିଡା ସୂଚନା ଦେଇଥିଲେ ଯେ, ଋଣ ଆବେଦନକୁ ଗୁରୁତ୍ୱ ଦେଉ ନଥିବା ବ୍ୟାଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆରବିଆଇ ଏଲଡିଓ ଏସ୍. ପି. ମିଶ୍ର, ନାବାର୍ଡର ଏ. କେ. ଆଚାର୍ଯ୍ୟ, ଏସବିଆଇ ଆରଓ ମନୋଜ କୁମାର ପ୍ରଧାନ, ମୁଖ୍ୟ ଶାଖା ପ୍ରବନ୍ଧକ ପି. କେ. ସ୍ୱାଇଁ, ଡିଏସଡବ୍ଲ୍ୟୁଓ ଚିନ୍ମୟୀ ରଥ, ଡିଡବ୍ଲ୍ୟୁଓ କାଳନ୍ଦି ଚରଣ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସଂସ୍କୃତି ରକ୍ଷା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ

**ଡେରାବିଶ, ୩୦।୧୨ (ସ୍ୱ.ପ୍ର.)**

ଡେରାବିଶ ମହୋତ୍ସବର ଷଷ୍ଠ ସନ୍ଧ୍ୟା



ମହୋତ୍ସବରେ ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ।

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ପାଇଁ ଡେରାବିଶ ଅଞ୍ଚଳ ବେଶ୍ ପରିଚିତି ଲାଭ କରିଥିବା ବେଳେ ଡେରାବିଶ ମହୋତ୍ସବ ପୁଣିଥରେ ଏହି ବ୍ଲକକୁ ସମୃଦ୍ଧ କରି ଗଢ଼ି ତୋଳିଛି। ଆଜିର ଯୁବପିଢ଼ି ମାଟି ମା'କୁ ଗୌରାବାନ୍ୱିତ କରିବାକୁ ଓ ନିଜ ଅଞ୍ଚଳର ପ୍ରାଚୀନ ସଂସ୍କୃତିକୁ ରକ୍ଷା କରିବାକୁ ସଂକଳ୍ପ ନେବାକୁ ଡେରାବିଶ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଡେରାବିଶ ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବର ସାରସ୍ୱତ ସମାରୋହରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସଂସ୍କୃତିର ପ୍ରାଣକେନ୍ଦ୍ର କେନ୍ଦ୍ରାପଡ଼ା ଜିଲାର ପ୍ରାଚୀନ କଳା ଓ ଐତିହ୍ୟ ସୁଦୂର ପ୍ରସାରୀ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବପିଢ଼ି ସଂସ୍କୃତିକୁ ରକ୍ଷା କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ମହୋତ୍ସବ କମିଟି ଉପଦେଷ୍ଟା ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ କଥାକାର ଗୌରହରୀ ଦାସ ଯୋଗଦେଇ ମହୋତ୍ସବ ଜାତୀୟ ଜୀବନକୁ ସଂଗଠିତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଦେଇଥିବା ବେଳେ ଅତୁଲ୍ୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବୈଶ୍ୟ ସଦାସିବଙ୍କ ରଚିତ ସଦାଶିବ ରାମାୟଣର କଥାବସ୍ତୁ ଉପରେ ଶ୍ରୀଦଧିବାମନଜୀଉ ରାମନୀଳା ପରିଷଦ ପକ୍ଷରୁ ରାମନୀଳା ପ୍ରଦର୍ଶନ କରାଯାଇଥିଲା। ମହୋତ୍ସବ କମିଟି କର୍ମକର୍ତ୍ତା ସାହାଜାନ୍ ଖାଁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଗୌରାଙ୍ଗ ଚରଣ ସାହୁ, ଅଭିମନ୍ୟୁ ରାଉତ, ବାନାମ୍ବର ପାଣ୍ଡେ, ମହୋତ୍ସବ କମିଟି ସମ୍ପାଦକ ସରୋଜ କୁମାର ଦାସ, ଲକ୍ଷ୍ମୀକାନ୍ତ ଜେନା, ମରୁତ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ, ଏସ୍‌ଆଇ ପଞ୍ଚାନନ ମିଶ୍ର, ଏଏସ୍‌ଆଇ ଭାଗବତ ମାହାଲିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା।

## ଖରସ୍ରୋତା ସାଂସ୍କୃତିକ ପରିଷଦର ସମାବର୍ତ୍ତନ ଉତ୍ସବ

# 'ରାଷ୍ଟ୍ର ସେବା କରିବାକୁ ଆଗେଇ ଆସ'



ଅତିଥିମାନେ ମୁଖପତ୍ର 'ଖରସ୍ରୋତା' ଉନ୍ମୋଚନ କରୁଛନ୍ତି।

**ରାଜକନିକା, ୩୦।୧୨ (ଡି.ଏନ୍.ଏ)**

ଜାତିର ପିତା ଗାନ୍ଧିଜୀଙ୍କ ବାର୍ତ୍ତା ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିଥିଲା। କବିର କବିତାରୁ ଦେଶର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଘଟେ। ତେଣୁ ରାଷ୍ଟ୍ରର ସେବା କରିବା ପାଇଁ ଜନସାଧାରଣ ଆଗେଇ ଆସିବାକୁ ରାଜକନିକା ବ୍ଲକ ଅଧୀନ କଣ୍ଡିଆ ହାଟସ୍ଥିତ ଖରସ୍ରୋତା ସାଂସ୍କୃତିକ ପରିଷଦର ତ୍ରୟୋବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହରପ୍ରସାଦ ଦାସ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ପରିଷଦର ସ୍ଥାୟୀ ସଭାପତି ଲକ୍ଷ୍ମୀଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରୀତି ପ୍ରତିଭା ଭୋଳ ସମ୍ମାନିତ ଅତିଥି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ପ୍ରାଧାପକ ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ୪୦ ବର୍ଷ ଧରି ନିରନ୍ତର ପ୍ରଚେଷ୍ଟା ଯୋଗୁ ଖରସ୍ରୋତା ସାଂସ୍କୃତିକ ପରିଷଦ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପରିଷଦ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ମୁଖପତ୍ର 'ଖରସ୍ରୋତା'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିବାବେଳେ କବି ପଦ୍ମଚରଣ ମଲ୍ଲିକଙ୍କ ରଚିତ କବିତା ସଂକଳନକୁ ମୁଖ୍ୟବକ୍ତା ଉନ୍ମୋଚନ କରିଥିଲେ। ସାମାଜିକ କର୍ମୀ ଗୋପୀନାଥ ଦାସଙ୍କୁ ଉପାୟନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକନାଥ ସାମଲ ଅତିଥି ପରିଚୟ, ନିରଞ୍ଜନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

### ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଡେରାବିଶ, ୩୦।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୧୯୯୧ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ନିକଟସ୍ଥ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ଅକ୍ଷୟ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ଜୟନ୍ତ କୁମାର ଶତପଥୀ, ସଞ୍ଜୟ କୁମାର ପଲାଇ, ପ୍ରସନ୍ନ କୁମାର ରଥ, କୈଳାସ କୁମାର ନାୟକ, ନୀହାର ରଞ୍ଜନ ସ୍ୱାଇଁ, ଶ୍ରାବଣୀ ରାଉତ ଓ ନିରୁପମା ରାଉତ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ସେହିପରି ମଲ୍ଲିକେଶ୍ୱର ହାଇସ୍କୁଲର ୧୯୮୭ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ର ସମୂହର ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁବୋଧ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁରାତନ ଶିକ୍ଷୟିତ୍ରୀଶିକ୍ଷକ ଅତିଥି ଭାବେ ଯୋଗଦେଇଥିଲେ। ଦୀପକ କୁମାର ଘଡ଼ାଇ, ଅକ୍ଷୟ କୁମାର ସାହୁ, ପ୍ରମୋଦ ସାହୁ, ପ୍ରମୋଦ ସାମଲ, ପ୍ରଫୁଲ୍ଲ ବସନ୍ତିଆ, ସୁଶୀଲ ନାୟକ, ଛାତ୍ରୀ ହିରଣ୍ମୟୀ ସାମଲ, ନିରୁପମା ମହାନ୍ତି, ମାନସୀ ମହାପାତ୍ର, ହିରଣ୍ମୟୀ ମହାନ୍ତି, ଗୀତାଞ୍ଜଳି ଘଡ଼େଇ କରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଗୋପବନ୍ଧୁ ପୂଜ୍ୟପୂଜା ପରିଷଦର ବାର୍ଷିକୋତ୍ସବ

# ସମ୍ପର୍କ ଦୃଢ଼ ହେଲେ ସାହିତ୍ୟ ସୁଦୃଢ଼ ହୁଏ



ଅତିଥିମାନେ ପରିଷଦର ମୁଖପତ୍ର 'କୃଷ୍ଣାୟନ'କୁ ଉନ୍ମୋଚନ କରୁଛନ୍ତି।

**ଆଳି, ୩୦।୧୨ (ଡି.ଏନ୍.ଏ)**

ସମ୍ପର୍କ ଦୃଢ଼ ହେଲେ ସାହିତ୍ୟ ସୁଦୃଢ଼ ହୁଏ ବୋଲି ଆଳି ବ୍ଲକ ଅଧୀନ ମାନପୁରଠାରେ ଥିବା ଗୋପବନ୍ଧୁ ପୂଜ୍ୟପୂଜା ପରିଷଦର ବାର୍ଷିକୋତ୍ସବରେ ମତପ୍ରକାଶ ପାଇଛି। ନିକଟସ୍ଥ ଗୋପବନ୍ଧୁ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ବିଜୟ କୁମାର ମହାକୁଡ଼ ଅଧକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସମ୍ପର୍କ ଦୃଢ ହେଲେ ସାହିତ୍ୟ ସୁଦୃଢ ହୁଏ। ମଣିଷ ମଣିଷ ମଧ୍ୟରେ ଥିବା ଭଲ ପାଇବା ହିଁ ଉଚ୍ଚାଙ୍ଗ ସାହିତ୍ୟ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ସୌରିବନ୍ଧୁ କର ଯୋଗଦେଇ ଅନୁଷ୍ଠାନର ପୂଜ୍ୟପୂଜା ପରମ୍ପରାକୁ ପ୍ରଶଂସା କରିବା ସହ ସାହିତ୍ୟ କ୍ଷେତ୍ରରେ ଆଳି ସଦାସର୍ବଦା ଆଗରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନବଜ୍ୟୋତି ରାୟ ଓ ପର୍ଶୁରାମ ରାଉତରାୟ ଯୋଗ ଦେଇଥିଲେ। ଏହି ଅବସରରେ ଗାଳ୍ପିକ କାଳିନ୍ଦୀ ଚରଣ ଜେନା, ସାହିତ୍ୟିକ ଦିଲୀପ ଦାସ, କଣ୍ଠଶିଳ୍ପୀ ପ୍ରଶାନ୍ତ ସାମଲ ଓ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ମୁଖପତ୍ର 'କୃଷ୍ଣାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କବି ଶୈଳେନ୍ଦ୍ର ନାଥ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅମୂଲ୍ୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ଞାନରଞ୍ଜନ ନାୟକ ଉତ୍ସବ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ସାମଲ, ପ୍ରଦୀପ ଜେନା, କୃଷ୍ଣଚନ୍ଦ୍ର ଥାଟୋଇ ଓ ସୁବାସ ପ୍ରଧାନ ସହଯୋଗ କରିଥିଲେ।

# ସିଏଏ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୩୦।୧୨**

ସହରର ତିନିମୁହାଣିସ୍ଥିତ ଏକ କଲ୍ୟାଣମଣ୍ଡପରେ ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସିଏଏର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆର ସିଂ, ଦୋଳଗୋବିନ୍ଦ ନାୟକ, ଅଲେଖ ଚନ୍ଦ୍ର ଜେନା, ବରିଷ୍ଠ ନେତା ସୁନାକର ବେହେରା, ପୂର୍ବତନ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲେଚକମାନେ ସିଏଏ ଓ ଏନ୍‌ଆର୍‌ସି ଫଳରେ ଭାରତରେ ରହୁଥିବା କୌଣସି ବ୍ୟକ୍ତିଙ୍କ ଉପରେ ଆଞ୍ଚ ଆସିବ ନାହିଁ। ଦେଶର ପ୍ରକୃତ ନାଗରିକଙ୍କ ପାଇଁ ଏହା ଜରୁରୀ ବୋଲି ସେମାନେ ଦର୍ଶାଇଥିଲେ। ଏହି ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତା ଜାନୁଆରୀ ୨୫ରୁ ବୁଥସ୍ତରରେ କାର୍ଯ୍ୟକ୍ରମ ହେବ ବୋଲି ଏଠାରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବୈଦ୍ୟନାଥ ଚାଟାର୍ଜୀ, କୃଷ୍ଣଚନ୍ଦ୍ର ପଣ୍ଡା, କାନନବାଳା ଦାସ, ସେକ୍ ସଲିମ, ବିଭୂତି ଭୂଷଣ କର, ନେହେରୁ କୁମାର ସାହୁ ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

## ରାମନାୟକଡିଆ ପ୍ରାଥମିକ ସ୍କୁଲ ଖୋଲାଯାଉ

# ଜିଲାପାଳଙ୍କୁ ଦାବି ଜଣାଇଲେ ଅଭିଭାବକ

**ପଟ୍ଟାମୁଣ୍ଡାଇ, ୩୦।୧୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳ ପାୟତ ରାମନାୟକଡିଆ ପ୍ରାଥମିକ ସ୍କୁଲରେ କମ୍ ଛାତ୍ରୀଛାତ୍ର ଥିବାରୁ ଗତବର୍ଷ ଏହାକୁ ବନ୍ଦ କରି ଦିଆଯାଇଥିଲା। ସେତେବେଳେ ସ୍କୁଲରେ ମାତ୍ର ୯ ଛାତ୍ରୀଛାତ୍ର ପଢୁଥିବାରୁ ସରକାରଙ୍କ ନିର୍ଦ୍ଦେଶରେ ଏହାକୁ ବନ୍ଦ କରାଯାଇଥିଲା। ତେବେ ଉକ୍ତ ସ୍କୁଲକୁ ପୁନଃ ପ୍ରଚଳନ କରିବାକୁ ଗ୍ରାମର ପ୍ରାୟ ୩୪ଜଣ ଅଭିଭାବକ ସୋମବାର କେନ୍ଦ୍ରାପଡା ଜିଲାପାଳଙ୍କୁ ଦରଖାସ୍ତ ଲେଖି ଦାବି ଜଣାଇଛନ୍ତି। ଗ୍ରାମର ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସରକାର ପ୍ରତିଷ୍ଠା କରିଥିବା ପ୍ରାଥମିକ ସ୍କୁଲ ଉଠିଯିବା ଆଦୌସମୀଚିନ ନୁହେଁ। ତେବେ ଅଭିଭାବକମାନେ ଦର୍ଶାଇଛନ୍ତି ଯେ, ଏବେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୩ ପିଲା ଯୋଗାଇ ଦିଆଯିବ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦେଲେ ସ୍କୁଲ ପୁନଃ ପ୍ରଚଳନ ହୋଇପାରିବ ବୋଲି ଅଭିଭାବକମାନେ ଉକ୍ତ ଦରଖାସ୍ତରେ ଦର୍ଶାଇଛନ୍ତି। ପ୍ରଦୀପ କୁମାର ନାୟକ, ସରୋଜ କୁମାର ବିଶ୍ୱାଳ, ବିଜୟ ପରିଡା, ରବୀନ୍ଦ୍ର ନାୟକ, ରାଜେନ୍ଦ୍ର ନାୟକ, ଖଗେଶ୍ୱର ନାୟକ, ରସାନନ୍ଦ ନାୟକ, ବିଶ୍ୱଜିତ୍ ନାୟକ, ରମେଶ ମହାନ୍ତି, ବସନ୍ତ ନାୟକ, ରଥ ନାୟକ, ସରୋଜ ନାୟକ, ନୃସିଂହ ନାୟକ, ପ୍ରମୋଦ ମଲ୍ଲିକ, ସୁଜିତ୍ ମଲିକ୍, ଆଶିଷ୍ ନାୟକ, ଦିନେଶ୍ ନାୟକ, ରାଜେନ୍ଦ୍ର ନାୟକ, ଦୀପକ ନାୟକ, ଗୌତମ ନାୟକଙ୍କ ସମେତ ଅନେକ ଗ୍ରାମବାସୀ ଓ ଅଭିଭାବକ ପ୍ରାଥମିକ ସ୍କୁଲ ଖୋଲିବା ପାଇଁ ଦାବି ଜଣାଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No. 7838639856 8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900 9899587663


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ

# ଦୁଲୁକୁଛି ମଞ୍ଚ, ଜମୁଛି ମହୋତ୍ସବ



**ରସୁଲପୁର,୩୦।୧୨(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ୬୫ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ତମ କୁଆଖିଆ ମହୋତ୍ସବ ଖୁବ୍ ଯାକଜମକର ସହ ପାଳିତ ହେଉଛି। ପ୍ରତ୍ୟେକ ଦିନ ଉଭୟ ମଞ୍ଚରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ମଞ୍ଚ ତଳେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସୋମବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ମଞ୍ଚରେ କଟକର ଶୁଭମ୍ ସଂଗୀତ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ମହୋତ୍ସବ ମଞ୍ଚରେ କଳାକାରଙ୍କ ନୃତ୍ୟର ତାଳେତାଳେ ଦର୍ଶକ ନାଚୁଥିବା ପରିଲକ୍ଷିତ ହେଉଛି। ଉଭୟ ମଞ୍ଚର କାର୍ଯ୍ୟକ୍ରମ ଅତ୍ୟନ୍ତ ମନୋରମ ହୋଇପାରିଛି। ପୂଜା ମଣ୍ଡପ ଓ ମହୋତ୍ସବ ପଡିଆରେ ଜନସମାଗମ ପରିଲକ୍ଷିତ ହୋଇଛି।

### ପୁରୁଣା ଓଡ଼ିଆ, ହିନ୍ଦୀ ସଂଗୀତ ମନ ମୋହିଲା

ଲକ୍ଷ୍ମୀନାରାୟଣ ମଞ୍ଚର ମେଲୋଡି କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି। ମଲୋଡି ଦଳର କଳାକାରଙ୍କ ମନଛୁଆଁ ସଂଗୀତ ପରିବେଷଣ ରାସ୍ତାରେ ଗାଡି ମୋଟର ଗତିକୁ ମନ୍ଥର କରିଦେଇଥିଲା। ଚାଳକମାନେ ରାସ୍ତା କଡରେ ଗାଡ଼ି ପାର୍କିଂ କରି ଗୀତକୁ ଉପଭୋଗ କରିଥିଲେ। ଗାୟିକାଗାୟକଙ୍କର ପୁରୁଣା ଓଡ଼ିଆ, ହିନ୍ଦୀ ସଂଗିତ ଦର୍ଶକଙ୍କ ମନ ଜିଣିପାରି ଥିଲା।

### ମଞ୍ଚରେ କଳାହାଣ୍ଡି ଲୋକକଳାର ଝଲକ

ମୋହତ୍ସବ ମଞ୍ଚରେ କଳାହାଣ୍ଡି ଲୋକକଳାର ଝଲକ ଦେଖିବାକୁ ମିଳିଛି। ମୃଣ୍ମୟୀ କଲଚରାଲ ସୋସାଇଟି, ଭବାନୀ ପାଟଣା– କଳାହାଣ୍ଡିର ପଞ୍ଚଲଙ୍ଗା ନୃତ୍ୟ ଗ୍ରୁପ୍ ଦ୍ୱାରା ପରିବେଷିତ ପାମ୍ପାରିକ ନୃତ୍ୟ ଲୋକଙ୍କୁ ଆକୃଷ୍ଟ କରିପାରିଛି। ମହୋତ୍ସବ ପଡିଆରେ ବୁଲାବୁଲି କରିବା ସହ ମୋହତ୍ସବ ମଞ୍ଚର କାର୍ଯ୍ୟକ୍ରମକୁ ଉପଭୋଗ କରିବାରେ ଦର୍ଶକମାନେ ଆଦୌ ଭୁଲି ନଥିଲେ।

### କାଠ କାରିଗରଙ୍କ କଳାକୃତି ଗ୍ରାହକଙ୍କୁ ଆକୃଷ୍ଟ କରିଛି

ମହୋତ୍ସବ ଅବସରରେ ଚାଲିଥିବା ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ ପ୍ରଦର୍ଶିତ କାଠ ତିଆରି ସମାଗ୍ରୀ ଗ୍ରାହକଙ୍କୁ ବିଶେଷ ଆକୃଷ୍ଟ କରିଛି। କାଠରେ ତିଆରି ସାମଗ୍ରୀ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିଛି। ଦେଖଣାହାରୀମାନେ ମନ ମୁତାବକ ସାମଗ୍ରୀ କିଣି ଘରକୁ ନେଇଛନ୍ତି। କାଠରେ ତିଆରି ବିଭିନ୍ନ ଡିଜାଇନର ମୂର୍ତ୍ତି ଦେଖିବା ପାଇଁ ଷ୍ଟଲ ଆଗରେ ଲୋକଙ୍କ ଭିଡ଼ ଜମୁଥିବା ଦେଖାଯାଉଛି।



### ପୂଜାରେ ବାଧକ ସାଜିଛି ଜାତୀୟ ରାଜପଥ ସମ୍ପ୍ରସାରଣ

ଲକ୍ଷ୍ମୀନାରାୟଣ ପୂଜାକୁ ନେଇ ପରିଚାଳନା କମିଟି ତତ୍ପର ହୋଇଛି। ୨୧ଦିନ ପୂଜା ସରିଯିବା ପରେ କମିଟିର ଲୋକଙ୍କୁ ମନ୍ଦିର ସ୍ଥାପନ ଚିନ୍ତା ଘାରୁଛି। ମା'ଙ୍କ ମନ୍ଦିର କେଉଁଠି ସ୍ଥାପନ ହେବ ସେ ବିବାଦ ତୁଟି ପାରୁନି। ପୂର୍ବରୁ ଜାତୀୟ ରାଜପଥ ଅପରପାର୍ଶ୍ୱ (ପଶ୍ଚିମ ପଟ)ରେ ମା'ଙ୍କ ବିଜେସ୍ଥଳୀ ଥିଲା। ୫ନଂ ଜାତୀୟ ରାଜପଥ (ଏବେ ୧୬ନଂ ରାଜପଥ) ସମ୍ପ୍ରସାରଣ ହେବା ପରେ ମା'ଙ୍କ ବିଜେସ୍ଥଳୀ ରାସ୍ତାର ପୂର୍ବପଟକୁ ଆସିଯାଇଛି। ଏଠାରେ ଅସ୍ଥାୟୀ ଭାବେ ଠାକୁରଙ୍କୁ ସ୍ଥାପନ କରାଯାଇ ପୂଜା କରାଯାଉଛି। ମନ୍ଦିର ପାଇଁ ଏକ ଉପଯୁକ୍ତ ସ୍ଥାନ ନିରୂପଣ ପାଇଁ ସଭିଁଙ୍କ ମଧ୍ୟରେ ତତ୍ପରତା ରହିଛି। ଏ ଦିଗରେ ଉଭୟ ସରକାର ଓ ପ୍ରଶାସନିକସ୍ତରରେ ସାହାଯ୍ୟ ସହଯୋଗ ନିତ୍ୟାନ୍ତ ଜରୁରୀ ହୋଇପଡିଛି। ମନ୍ଦିର ନିର୍ମାଣ ଦିଗରେ ରାଜପଥ ବାଧକ ସାଜିଛି ବୋଲି କୁହାଯାଉଛି।



### ୭ଦିନିଆ ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମନୋଜ କୁମାର ବେହେରା, ସାଧାରଣ ପରିଚାଳକ– ଆଞ୍ଚଳିକ ଶିଳ୍ପକେନ୍ଦ୍ର, କଳିଙ୍ଗନଗର, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଶିଳ୍ପୀ ମହାସଂଘର ଉପଦେଷ୍ଟା ଭକ୍ତଚରଣ ସାହୁ, ସମ୍ମାନିତ ଅତିଥିଭାବେ ସଂଘର ଅନ୍ୟତମ ଉପଦେଷ୍ଟା ମିହିର ପ୍ରତାପ ଦାସ, ଜାତୀୟ ପୁରସ୍କାରପ୍ରାପ୍ତ ପଥର ଶିଳ୍ପୀ ମହେଶ୍ୱର ଓଜା, ଧର୍ମଶାଳା ଓ ବଡଚଣା ବ୍ଲକ ଦାଇତ୍ୱରେ ଥିବା ଶିଳ୍ପ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ କାରିଗରଙ୍କ କଳାକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



୭ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ହସ୍ତଶିଳ୍ପ ମେଳା ଉଦ୍‌ଯାପନୀ ଉତ୍ସବରେ ଅତିଥି କୃତୀ କାରିଗରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ପୂର୍ବ ତଟ ରେଳପଥ**
**ଏକକ ବିଜ୍ଞାପନ ଅଧିକାର**
ମୁକ୍ତ ଇ-ଟେଣ୍ଡର ସୂଚନା ସଂ. SDCM-KUR-NFR-Vinyl Wrapping/1-7, ତା: 20.12.2019
**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଚାଲୁଥିବା ମେମୁ ଟ୍ରେନ୍ ଗୁଡ଼ିକର ରେକ୍ ମାନଙ୍କରେ ବାହ୍ୟ ପାର୍ଶ୍ୱ କାନ୍ଥ (ଝରକା ତଳେ) ରେ ଭିନାଇଲ୍ / ଷ୍ଟିକର ମାଧ୍ୟମରେ ଏକକ ବିଜ୍ଞାପନ ଅଧିକାର ପାଇଁ ଠିକା ପ୍ରଦାନ।
**କ୍ର.ସଂ. 1-** ମେମୁ ଟ୍ରେନ୍‌ର ନାମ : 68422-68421 ପୁରୀ-ଅନୁଗୋଳ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : 06 ଦିନ।
**କ୍ର.ସଂ. 2-** ମେମୁ ଟ୍ରେନ୍‌ର ନାମ : 68413-68414 ପୁରୀ-ତାଳଚେର, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : 06 ଦିନ।
**କ୍ର.ସଂ. 3-** ମେମୁ ଟ୍ରେନ୍‌ର ନାମ : 68411-68412 ଓ 68408-68407 ବ୍ରହ୍ମପୁର-ଭୁବନେଶ୍ୱର-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।
**କ୍ର.ସଂ. 4-** ମେମୁ ଟ୍ରେନ୍‌ର ନାମ : 68415-68416 ଓ 68437-68438 ପୁରୀ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।
**କ୍ର.ସଂ. 5-** ମେମୁ ଟ୍ରେନ୍‌ର ନାମ : 68402-68401 ଓ 68424-68423 ପାରାଦୀପ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।
**କ୍ର.ସଂ. 6-** ମେମୁ ଟ୍ରେନ୍‌ର ନାମ : 68434-68438 ଓ 68437-68401 ଇଛାପୁରମ-କଟକ-ଭଦ୍ରକ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।
**କ୍ର.ସଂ. 7-** ମେମୁ ଟ୍ରେନ୍‌ର ନାମ : 68435-68436 ଓ 68433-48434 କଟକ-ପାରାଦୀପ-ଇଛାପୁରମ, ରେକ୍ ସଂଖ୍ୟା : 1, ସପ୍ତାହରେ ଚଳାଚଳ ଦିବସ : ପ୍ରତିଦିନ।
**ପ୍ରଥମ ବର୍ଷ ପାଇଁ ସର୍ବନିମ୍ନ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) GST ବ୍ୟତୀତ :** 6,87,725.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ), ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ), EMD : ₹41,300.00 (ପ୍ରତ୍ୟେକ କ୍ରମିକ ସଂଖ୍ୟା ନିମନ୍ତେ)।
**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :**
ତା 13.01.2020 ର 1500 ଘଟିକା।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ଼
PR-618/K/19-20

## ଆମ ପୋଲିସ ସମିତି ବୈଠକ

**କୋରେଇ,୩୦।୧୨(ସ୍ୱ.ପ୍ର):** ପାଣିକୋଇଲି ଥାନା ଆମ ପୋଲିସ ସମିତି ପକ୍ଷରୁ ଥାନା ପରିସରରେ ସୋମବାର ୨୦୧୯ର ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୁଣା ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ନୂତନ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତି ନିଆଯାଇଛି। ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଆଇନ ସଚେତନତା, ନିଶାନିବାରଣ ଆଦି କାର୍ଯ୍ୟକ୍ରମ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଥାନାଧିକାରୀ ଅଜୟ କୁମାର ଜେନାଙ୍କ ଆବାହକତ୍ୱରେ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ରାଜପଥ କାର୍ଯ୍ୟର ମନ୍ଥରତା, ଟ୍ରାଫିକ ସମସ୍ୟା, ହମ୍ପସ ପୂର୍ବ ସୂଚନା, ରାସ୍ତା ଜାମ ଏବଂ ଏଥି ଯୋଗୁ ଘଟୁଥିବା ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଦାନଗଦୀ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି
## ୮୬ ଅଭିଯୋଗ ପଞ୍ଜୀକୃତ

**କଳିଙ୍ଗନଗର,୩୦।୧୨(ଡି.ଏନ.ଏ):** ଦାନଗଦୀ ବ୍ଲକରେ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୮୬ଟି ଅଭିଯୋଗ କରାଯାଇଥିବାବେଳେ ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୭୪, ସାମୁହିକ ଅଭିଯୋଗ ୩ଟି ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫଣ୍ଡରୁ ସହାୟତା ପାଇଁ ୯ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୮ଟି ଅଭିଯୋଗର ତତ୍କ୍ଷାଳ ସମାଧାନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ୧୦ ହଜାର ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଘର, ଜମିପଟ୍ଟା, ବିଦ୍ୟୁତ ଓ ପିଇବା ପାଣି ପାଇଁ ଅଭିଯୋଗ ହୋଇଥିଲା। ଧୂଳିଗଡ ପଞ୍ଚାୟତ ଧୂଳିଗଡ ଗାଁର ଜଣେ ୭୦ବର୍ଷୀୟ ଅସହାୟ ବୃଦ୍ଧା ଯାତ୍ରୀ ନାୟକ ଦିର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡିତ ଥିଲେ। ସେ ସମ୍ପର୍କିୟଙ୍କ ସହାୟତାରେ ଶିବିରରେ ପହଞ୍ଚି ଥିଲେ। ବ୍ଲକ ପ୍ରଶାସନ ୨ମାସହେବ ତାଙ୍କ ଭତ୍ତା ଟଙ୍କାକୁ ବନ୍ଦ କରି ଦେଇଥିବା ଜିଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ଶୁଣିବାପରେ ତୁରନ୍ତ ଏହାର ସମାଧାନ କରି ଭତ୍ତା ଟଙ୍କା ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘବର୍ଷ ହେବ ଦାନଗଦୀ ଅଞ୍ଚଳରେ ବିଦ୍ୟୁତ ସେବା ଠିକ ଭାବେ ମିଳୁ ନ ଥିବା ସାମୁହିକ ଭାବେ ଅଭିଯୋଗ ହୋଇଥିଲା। ନିୟୁସିଆରିଆ କଲୋନୀର ସେକ୍ ସଲିମ ଖାଁନ, ଲୋକନାଥ ଧୀର, ବିପ୍ଳବ ପଣ୍ଡା, ଦିଲୀପ କୁମାର ସାହୁ, ପାକୁଆ ଧୀର, ବିଭୁତି ଧୀର, ନିମେଇଁ ଭଞ୍ଜ ପ୍ରମୁଖ ଅଭିଯୋଗ କରିଥିଲେ। ସାମାନ୍ୟ ପବନ ହେଲେ ଦାନଗଦୀରେ ବିଦ୍ୟୁତ ସେବାରେ ବ୍ୟାହତ ଘଟୁଛି। ଫଳରେ ଡାକ୍ତରଖାନା, ବ୍ଲକ୍, ତହସିଲ ଓ ବିଭିନ୍ନ ବ୍ୟାଙ୍କଗୁଡ଼ିକରେ ଲୋକେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ଯାଜପୁର ରୋଡଠାରୁ ଦାନଗଦୀକୁ ବିଦ୍ୟୁତ୍ ଲାଇନ ଯୋଗଇ ଦେବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଦାନଗଦୀ ବୁଦ୍ଧରାଜ ବିଦ୍ୟାପୀଠରେ ଆବଶ୍ୟକ ମୁତାବକ ଶିକ୍ଷକ ନ ଥିବାରୁ ଛାତ୍ର ଛାତ୍ରୀମାନେ ଶିକ୍ଷାଦାନରୁ ବଞ୍ଚିତ ରହୁଥିବା ଦିଲୀପ କୁମାର ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହି ଶିବିରରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଏଡିଏମ୍ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାୟକ, ଉପାଧକ୍ଷା ସୁଧାଂଶୁ ଭଞ୍ଜ, ବିଡିଓ ମଣିପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ-୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
M/s. GOURI AGENCIES
Kuakhia, Rasulpur, Jajpur-755051
Deals in
G.I. & C.I. FITTING, ORI PLAST, HARI PLAST, TATA G.I., PIPE, HIND WEAR, PARRY WWEAR, WATERTEC PLAZA, FALCON & SBI HAND PUMP
Katak Bus Stand, Kuakhia, Jajpur
MOB: 9438565942 / 9937341643

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
କିର୍ତ୍ତୀ ପ୍ୟାଲେସ୍
ଈଶ୍ୱର ଟକିଜ୍ କମ୍ପ୍ଲେକ୍ସ, କୁଆଖିଆ, ଯାଜପୁର
ବିବାହ ମଣ୍ଡପ
Central A/C
ବିବାହ, ବ୍ରତଘର, ଜନ୍ମଦିନ, ମିଟିଙ୍ଗ ତଥା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ।
ଯୋଗାଯୋଗ : ୯୯୩୮୮୯୯୮୮୩, ୯୪୩୭୧୯୯୮୮୩

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ-୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ପ୍ରଭା ମେଡିକାଲ ଓ ପଲ୍ଲୀ କ୍ଲିନିକ୍
ଈଶ୍ୱର ସିନେମା ହଲ ପାଖ, ବିରଜା ମାର୍କେଟ୍ କମ୍ପ୍ଲେକ୍ସ, କଲେଜ ରୋଡ୍, କୁଆଖିଆ
ମୋ: ୯୯୩୭୭୭୩୩୯୪, ୬୩୭୦୨୧୫୧୯୫
ପ୍ରଥମ କରି ଆପଣମାନଙ୍କ ସହରକୁ କଟକ ବଡ଼ମେଡିକାଲର ଅଭିଜ୍ଞ ପ୍ରଫେସର ଓ ଡାକ୍ତରମାନଙ୍କ ଦ୍ୱାରା ରୋଗୀ ଦେଖାଇବାର ସୁଯୋଗ ନିଅନ୍ତୁ।

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
AYESHA TRADE MARK
ଦିବ୍ୟାଂଶୁ ଟ୍ରେଡର୍ସ
ବରାଂଶ ଛକ, କଲେଜ ରୋଡ୍, କୁଆଖିଆ
ସିଜନ୍ ସେଣ୍ଟର
ନୂଆକରି ଆପଣଙ୍କ ଅଞ୍ଚଳରେ
ବେଲୁନ୍,ବାର୍ଥଡେ ଆଇଟମ୍, ପାର୍ଟି ପେପର, ପାର୍ଟି ସ୍ପ୍ରେ, ତାଲା-ଚାବି, ପ୍ଲାଷ୍ଟିକ୍ ସରଞ୍ଜାମ, ହୋଲି ରଙ୍ଗ, ଇତ୍ୟାଦି ହୋଲ ସେଲିଂ ଦାମ୍‌ରେ ମିଳେ।
ମୋ-୯୩୪୮୩୧୫୭୮୦

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ-୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ନିୟୁ ପାର୍ବତୀ ଜୁଏଲର୍ସ
୨୨ କ୍ୟାରେଟ୍ ସୁନା, ରୁପା ଓ ହୀରା ଅଳଙ୍କାର ଏଠାରେ ଉପଲବ୍ଧ।
ବଙ୍ଗାଳୀ ଦାଦାଙ୍କ ସୁନା ଦୋକାନ
ପ୍ରୋ.: ମୁନା ଭାଇ- ୯୯୩୭୯୦୯୧୪୮ ଆଦିତ୍ୟ -୯୬୫୮୩୩୦୬୨
ମଧୁବନ ରୋଡ୍ କୁଆଖିଆ

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ – ୨୦୨୦ ଉପଲକ୍ଷେ କୁଆଖିଆ ଅଞ୍ଚଳର ସମସ୍ତ ବ୍ୟବସାୟୀ, ଗ୍ରାହକବନ୍ଧୁ, ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
BINAYAK SAHOO
Proprietor
SERVICE EXTENSION
Hero
BINAYAK AUTOMOBILES
Sahoo Market Complex, Kuakhia Bazaar, Rasulpur, Dist.- Jajpur - 755051
Mob.: 9437269198

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
Shortly Opening....
GOVIND JEWELLERS
ଗୋବିନ୍ଦ ଜୁଏଲର୍ସ
ମଧୁବନ ରୋଡ, କୁଆଖିଆ, ଯାଜପୁର
ଗୋବିନ୍ଦ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ
ପ୍ରୋପ୍ରାଇଟର, ମୋ- ୮୭୬୩୦୪୫୯୨୪

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ପାଂଚାଳି ପ୍ଲାଏ ଆଣ୍ଡ ହାର୍ଡଓୟାର
(ଅଲ ଟାଇପ୍ ଅଫ୍ ହାର୍ଡଓୟାର, ପ୍ଲାଏ ଡୋର୍ସ ଆଣ୍ଡ ଆଲୁମିନିୟମ)
ହରିପୁର ହାଟ, ଯାଜପୁର
ବିଜୟ କୁମାର ଦାସ
ପ୍ରୋପ୍ରାଇଟର, ମୋ- ୯୪୩୭୬୦୨୭୫୭
ବିଜୟ ଟ୍ରେଡର୍ସ
(ପ୍ଲାଏ ହୋଲସେଲର ଓ ରିଟେଲର)
ଅନିତା ଦାସ
ପ୍ରୋପାଇଟର, ମୋ - ୯୬୭୮୮୨୭୫୭
ସାରଙ୍ଗପୁର, ୟୁଜିଏମ୍‌ଇ ସ୍କୁଲ ସାମ୍ନା, ହରିପୁର ରୋଡ, କୁଆଖିଆ, ଯାଜପୁର

ପବିତ୍ର ୬୫ତମ ଲକ୍ଷ୍ମୀନାରାୟଣ ପୂଜା, ୧୨ତମ କୁଆଖିଆ ମହୋତ୍ସବ ଓ ନବବର୍ଷ – ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ଜଗନ୍ନାଥ ସୁଇଟ୍ସ
ବିନା ପିଆଜ ରସୁଣରେ ଜଳଖିଆ ପ୍ରସ୍ତୁତ କରାଯାଏ
ମଧୁବନ ରୋଡ୍, କୁଆଖିଆ, ଯାଜପୁର
ମୋ: ୯୯୩୭୭୦୦୭୮୩
ଶ୍ରୀ ପଣ୍ଡା ସୁଇଟ୍ସ
ପ୍ରୋ-ସ୍ମୃତିରଞ୍ଜନ ଦାଶ

## ସଂକ୍ଷେପରେ

### ଆବାସ ଯୋଜନା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

ରାଜନଗର, ୩୦।୧୨ (ଡି.ଏନ୍.ଏ.): ୨୦୧୯-୨୦ ଆର୍ଥିକ ବର୍ଷରେ ରାଜନଗର ବ୍ଲକ ଅଧୀନ ୨୧ ପଞ୍ଚାୟତର ୧୩୯ ଜଣ ହିତାଧିକାରୀ ଘର ନିର୍ମାଣ ଶେଷ କରିଛନ୍ତି। ସମ୍ପୃକ୍ତ ହିତାଧିକାରୀମାନଙ୍କୁ ସୋମବାର ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ରାଜନଗର ବ୍ଲକ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ନୀତିଶେଖର, ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ପିଡି ଦିଲ୍ଲୀପ କୁମାର ପରିଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବିଡିଓ ମନ୍ଦରଧର ମହାଳିକ ଉପସ୍ଥିତ ଥିଲେ। ଶ୍ରୀହରି ମହିସାଲ, କାଳିପଦ ଗିରି, ପଞ୍ଚାନନ ମଣ୍ଡଳ, ରାମକୃଷ୍ଣ ମଣ୍ଡଳ, ସୁବାସ ଚନ୍ଦ୍ର ପ୍ରଧାନ, ଶୁକଦେବ ସାମନ୍ତ, ରଘୁନାଥ ବେହେରା, ନିର୍ମୟା ବେହେରା, ସଂଯୁକ୍ତା ବାରିକ, ଜୟନ୍ତୀ ଜେନା, ଶିବପଦ ମଣ୍ଡଳ, ମହେଶ୍ୱର ଲେଙ୍କାଙ୍କ ସମେତ ୧୩୯ ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ କରିବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୩୦।୧୨: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମି ବିଶ୍ୱବିଦ୍ୟାଳୟ ପାଇଁ ଉପଯୁକ୍ତ। ତେବେ ଏହି ଅନୁଷ୍ଠାନକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଅଦ୍ୟାବଧି ମିଳିନାହିଁ। ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ରୂପାନ୍ତର କରିବା ପାଇଁ କଲେଜର ପୂର୍ବତନ ଅଧ୍ୟକ୍ଷ, ପ୍ରାଧ୍ୟାପକ, କର୍ମଚାରୀମାନେ ଦାବି ଉଠାଇଛନ୍ତି। ଏଥିସହିତ ସମସ୍ତଙ୍କ ସହଯୋଗ ବଳରେ ଏହା ସମ୍ଭବ ହେବ ବୋଲି ପୁରାତନ କର୍ମଚାରୀମାନେ ମତ ପୋଷଣ କରିଛନ୍ତି। ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ କର୍ମଚାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ରାମଚନ୍ଦ୍ର ବେହେରା, ନନ୍ଦ କିଶୋର ପରିଡା, ଡ. ସେକ୍ ସମସୁର, ଡ. ନାରାୟଣ ନାଥଶର୍ମା, ଡ. ଶାନ୍ତିଲତା ମିଶ୍ର, ଚିତ୍ତରଞ୍ଜନ ଦାସ, ଡ. ପୀତବାସ ମହାନ୍ତି, କୈଳାସଚନ୍ଦ୍ର ବରାଳ, ଡ. ସଚ୍ଚିଦାନନ୍ଦ ଷଡ଼ଙ୍ଗୀ, ରବୀନ୍ଦ୍ର ଦାଶ, ଡ. ସଞ୍ଜୁକ୍ତା ଦାସ, ବିନ୍ଦୁମିତ୍ର ବଳ, ଦୟାନିଧି ପାଳ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଜ୍ଞାନୀନ୍ଦ୍ର ଦାଶ, ରଣଜିତ ଦାଶ, ଡ. ପ୍ରଭାକର ମଲ୍ଲିକ, ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶନୀ, ଶାହାବୁଦ୍ଦିନ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିଳନୀରେ ମହାବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ପୂର୍ବତନ କର୍ମଚାରୀ ଉପସ୍ଥିତ ଥିଲେ।

# ପଟ୍ଟା ମିଳିଛି ଜାଗା ଚିହ୍ନଟ ହୋଇନି

ରାଜନଗର, ୩୦।୧୨ ଡି.ଏନ୍.ଏ.)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗ୍ରାମ ୧୯୭୫ ମସିହାରେ ବ୍ରାହ୍ମଣୀ ନଦୀ ଗର୍ଭରେ ଲୀନ ହୋଇଥିଲା। ଗ୍ରାମବାସୀଙ୍କୁ ନିକଟସ୍ଥ ଭଦିଆ ଭେଡ଼ିରେ ଥଇଥାନ ପାଇଁ ସେ ସମୟରେ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୯୮୫ରେ ସମ୍ପୃକ୍ତ ୭୫ ପରିବାରକୁ ସରକାର ୪ ଡିସିମିଲ ଲେଖାଏଁ ପଟ୍ଟା ଯୋଗାଇ ଦେଇଥିଲେ। ମାତ୍ର ଦୀର୍ଘ ୩୫ ବର୍ଷ ହେଲା ଏହି ପରିବାରଙ୍କୁ ଜାଗା ଚିହ୍ନଟ କରାଇ ଦଖଲ ଦିଆଯାଇନାହିଁ। ଫଳରେ ସେମାନଙ୍କ ମଧ୍ୟରୁ କେତେକ ପରିବାର ରାସ୍ତାକଡ଼ରେ ରହୁଥିବା ବେଳେ ଅନ୍ୟ କେତେଜଣ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ତେବେ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ ସମସ୍ତ ପଟ୍ଟାଧାରୀଙ୍କୁ ଜାଗା ଚିହ୍ନଟ କରାଇ ଦେବାକୁ ଦାବି ହୋଇଛି। ସୋମବାର ରାଜନଗର ବ୍ଲକ

### ଜିଲାପାଳଙ୍କୁ ଗୁହାରି କଲେ ୩୦ରୁ ଊର୍ଦ୍ଧ୍ୱ ମହିଳା



ଶିବିରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ସଭାଗୃହରେ ଆୟୋଜିତ ଜନଶୁଣାଣି ଶିବିରରେ ସମ୍ପୃକ୍ତ ପରିବାରଗୁଡ଼ିକର ୩୦ରୁ ଊର୍ଦ୍ଧ୍ୱ ମହିଳା ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ କରିବା ବେଳେ ଗ୍ରାମର ଶାନ୍ତିଲତା ଦାସ, ଆରତି ଦାସ, ରୀନାରାଣୀ ବାରିକ, ଚଞ୍ଚଳା ରାଉତ, ସୁଲୋଚନା ରାଉତ, ଚମ୍ପାବତୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଶିବିରରେ ମୋଟ ୨୦୩ ଅଭିଯୋଗ ହୋଇଥିବା ବେଳେ ସେଥିରୁ ୧୯୦ ବ୍ୟକ୍ତିଗତ ଓ ୧୩ ସାମୂହିକ ଅଭିଯୋଗ ଥିଲା। କେଶରୀ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରୁଥିବା କେରୁଆଁପାଳ ଗ୍ରାମର ଶଙ୍କର୍ଷଣ ସେଠୀ ମେଡିକାଲ୍ ଲିଭ୍‌ରେ ଥିବା ବେଳେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ତେବେ ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ୩୨ ନଂ. ଜୋନର ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ଜିଲାପାଳଙ୍କୁ ନିବେଦନ କରିଥିଲେ। ଓସ୍ତିଆ ପଞ୍ଚାୟତବାସୀ ଏଲ୍‌ଇଡି ବଲ୍‌ବ ପାଇପାରି ନ ଥିବା ସରପଞ୍ଚ କେଦାର କୁମାର ସାହୁ ଓ ସମିତିସଭ୍ୟ ପାରେଶ୍ୱର ନାୟକ ଅଭିଯୋଗ କରିଥିଲେ। ରାଜନଗର ଗ୍ରାମର ଧରଣୀଧର ଦାସଙ୍କ ପୁଅ ବିନୋଦ(୨୪) ୨୦୧୦ରେ ହାଇଦ୍ରାବାଦ କାମ କରିବାକୁ ଯାଇଥିବା ବେଳେ ସେବେଠୁ ତାଙ୍କର ପତ୍ତା ମିଳୁନି। ପୁଅକୁ ଖୋଜିବାରେ ଜିଲାପାଳ ପଦକ୍ଷେପ ନେବାକୁ ଧରଣୀଧର ଜିଲାପାଳଙ୍କୁ ଗୁହାରି କରିଥିଲେ। ଏହି ଅବସରରେ ୮ଜଣ ଦିବ୍ୟାଙ୍ଗଙ୍କୁ ଜିଲାପାଳ ହୁଇଲ୍ ଚେୟାର ଓ କମ୍ବଳ ପ୍ରଦାନ କରିଥିଲେ। ଶିବିରରେ ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର, ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ରାଜନଗର ବ୍ଲକର ସହକାରୀ ଯନ୍ତ୍ରୀ ଜଳଧର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମାର୍ଶାଘାଇର ଅବିନାଶଙ୍କୁ ମିଷ୍ଟର ଓଡ଼ିଶା ଟାଇଟଲ୍

ମାର୍ଶାଘାଇ, ୩୦।୧୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ପୋଦନା ଗ୍ରାମର ଅବିନାଶ ପରିଡ଼ା(୨୧) ମିଷ୍ଟର ଓଡ଼ିଶା ଟାଇଟେଲ ହାସଲ କରିଛନ୍ତି। ନଭେମ୍ବର ୨୪ରେ ଭୁବନେଶ୍ୱରସ୍ଥିତ ପଟିଆଠାରେ ଆୟୋଜିତ ମିଷ୍ଟର ଓଡ଼ିଶା ପ୍ରତିଯୋଗିତା ଅଡିଶନରେ ରାଜ୍ୟର ୧୨୦ ମଡେଲ ଭାଗ ନେଇଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୯ ମଡେଲ୍‌ଙ୍କୁ ନୂଆଦିଲ୍ଲୀଠାରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅବିନାଶ ପ୍ରଥମ ସ୍ଥାନ ଅଧିକାର କରି ମିଷ୍ଟର ଓଡ଼ିଶା ଟାଇଟଲ୍ ହାସଲ କରିଛନ୍ତି। ତେବେ ଅବିନାଶଙ୍କ ଏହି କୃତିତ୍ୱ ପାଇଁ ଗ୍ରାମରେ ଖୁସିର ଲହରି ଖେଳି ଯାଇଥିବା ବେଳେ ତାଙ୍କ ବାପା ସନ୍ତୋଷ ପରିଡ଼ା ଓ ମା' ଇଲାରାଣୀ ସାହୁଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଭାଜପା ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, କଂଗ୍ରେସ ନେତା



ଅବିନାଶ ପରିଡ଼ା।

ବିଭ୍ରାଂଶୁ ଶେଖର ଲେଙ୍କା, ଅନ୍ତେଇ ସରପଞ୍ଚ ସ୍ନେହଲତା ମହାପାତ୍ର, ବିଜେଡି ବ୍ଲକ ସଭାପତି ସଞ୍ଜୟ ଲେଙ୍କା, ବିଜେଡି ନାରୀନେତ୍ରୀ ମାନା ନାୟକ, ଯୁବନେତା ଅଭୟ ନାୟକ, ଆର୍‌ପି ଅରିଜିତ୍ ଲେଙ୍କା ପ୍ରମୁଖ ଅବିନାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ ରାସ୍ତାକଡ଼କୁ ଖସିପଡ଼ିଲା ସ୍କୁଟି

# ବଡ଼ଭାଇ ମୃତ, ସାନ ଗୁରୁତର

ରାଜନଗର, ୩୦।୧୨ ଡି.ଏନ୍.ଏ.)

ରାଜନଗର ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ମଦନପୁର-ଗୋପାଳପୁର ରାସ୍ତାର ଜଗନ୍ନାଥପୁର ଶାସନ ବିଦ୍ୟାଳୟ ନିକଟରେ ସଡ଼କ ଦୁର୍ଘଟଣା ଘଟି ବଡ଼ଭାଇଙ୍କର ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିକଣା ଗାଁର ଗୁରୁବାରି ସାମଲଙ୍କ ପୁଅ ଦୀପକ (୧୫)। ଦୀପକଙ୍କ ପିଉସୀ ପୁଅ କେନ୍ଦ୍ରାପଡା ବାରଙ୍ଗ ଗାଁର ଟିକନ ନାୟକଙ୍କ ପୁଅ ସିଧୁନା (୧୨) ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସିଧୁନା ମାମୁଘରକୁ ଆସିଥିବା ବେଳେ ଅପରାହ୍ନରେ ମାମୁପୁଅ ଦୀପକଙ୍କ ସହ ଏକ ସ୍କୁଟିରେ ବୁଲିବାକୁ ଯାଉଥିଲେ। ଜଗନ୍ନାଥପୁର ଶାସନ ଶିକ୍ଷାନିକେତନ ନିକଟରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିପଡିବା ଯୋଗୁ ଉଭୟେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ସିଧୁନାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ମୋ ସରକାର କାର୍ଯ୍ୟକ୍ରମ ତଦାରଖ କରିବେ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ମୋ ସରକାର କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କର ଏକ ୩ ମାସିଆ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୭ ଜିଲା ପାଇଁ ଅଧିକାରୀମାନଙ୍କୁ ଚୟନ କରାଯାଇଛି। ସୂଚନା ଅନୁଯାୟୀ ଜାନୁୟାରୀରେ ଢେଙ୍କାନାଳ ଜିଲା ପାଇଁ ପି.କେ. ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ପାଇଁ ପି.କେ. ଜେନା, ସମ୍ବଲପୁର ମୋନା ଶର୍ମା, କନ୍ଧମାଳ ସଞ୍ଜୀବ ଚୋପ୍ରା, ରାୟଗଡ଼ା ଅନୁ ଗର୍ଗ, ମୟୂରଭଞ୍ଜ ସୌରଭ ଗର୍ଗ ଏବଂ କେନ୍ଦୁଝର ଜିଲା ପାଇଁ ଡି.କେ. ସିଂଙ୍କୁ ଦାୟିତ୍ୱ ଦିଆଯାଇଛି। ଅଧିକାରୀମାନେ ସମ୍ପୃକ୍ତ ଜିଲାର ମମତା ଯୋଜନା, ବିଜୁ ପକ୍କାଘର ଯୋଜନା, ମିଶନ ଶକ୍ତି, ନରାମୟ, ଖାଦ୍ୟ ସୁରକ୍ଷା ମିଶନ, ପାନୀୟ ଜଳ, ବିଦ୍ୟୁତିକରଣ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ତଦାରଖ କରିବେ।

■ ସିଏଏ ସମ୍ପର୍କିତ ଆଲୋଚନାଚକ୍ର

# 'ଆଇନକୁ ସମସ୍ତେ ସମ୍ମାନ ଦେବା ଆବଶ୍ୟକ'

କେନ୍ଦ୍ରାପଡା ଅଫିସ, ୩୦।୧୨

ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ବ୍ରେଭ ଇଣ୍ଡିଆ ୟୁଥ ଫେଡେରେଶନ ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କିତ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଫେଡେରେଶନ ସମ୍ପାଦକ ଶଶାଙ୍କ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଇନଜୀବୀ ମାନସ ମିଶ୍ର, କ୍ୟାପ୍‌ଟେନ ସୁରେନ୍ଦ୍ର ସାହୁ, ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ପରିଡ଼ା, ରଶ୍ମିରଞ୍ଜନ ପରିଡ଼ା, ମାଧବ ଚନ୍ଦ୍ର ପ୍ରଧାନ, ଅଭିଜିତ୍ ଦାସ, ଦମନ କୁମାର ମହାନ୍ତି, ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି ଆଲୋଚକ ଭାବେ



ଆଲୋଚନା ଚକ୍ରରେ ଯୋଗଦେଇଥିବା ଆଲୋଚକମାନେ।

ଯୋଗ ଦେଇଥିଲେ। ରାଷ୍ଟ୍ରର ହିତ ନିମନ୍ତେ ହୋଇଥିବା ଆଇନକୁ ସମସ୍ତେ ସମ୍ମାନ ଦେବାକୁ ଆଲୋଚକ ଗଣ ଆହ୍ୱାନ ଦେଇଥିଲେ। ଏଥିସହିତ ହିଂସାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଂଗୃହୀତ ୪୦ ୟୁନିଟ ରକ୍ତକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। କାର୍ଯ୍ୟକ୍ରମକୁ ଫେଡେରେଶନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଉର୍ଦ୍ଦୁ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର


ଶିବିରରେ ଉପସ୍ଥିତ ଉର୍ଦ୍ଦୁ ଶିକ୍ଷକମାନେ।

କେନ୍ଦ୍ରାପଡ଼ା ଅଫିସ୍, ୩୦।୧୨

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗତ ୩ ଦିନ ଧରି ଚାଲିଥିବା ଉର୍ଦ୍ଦୁ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଉର୍ଦ୍ଦୁ ଏକାଡେମୀ ସଚିବ ଡ. ସୟଦ ମୁସିର ଆଲାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ପ୍ରଶିକ୍ଷିତ ଶିକ୍ଷକଙ୍କ ଶିକ୍ଷାଦାନରେ ଉତ୍ତମ ଶିକ୍ଷାର୍ଥୀ ସୃଷ୍ଟି ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଶିବିରରେ ୯୦ ଶିକ୍ଷକ ଯୋଗ ଦେଇଥିଲେ। ହାଇଦ୍ରାବାଦର ଡ. ମୀସବାହ ଅନସାର, ଜାମସେଦପୁରର ଡ. ଅହମ୍ମଦ ବଦର ଓ ତେଲଙ୍ଗାନାର ମହମ୍ମଦ ଅବଦୁଲ ମୋଇଜ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଏନାମୁଲ ହକ, ଶିକ୍ଷକ ସେକ ଫାୟାଜୁଦ୍ଦିନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସମବାୟ ସମିତିରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୩୦।୧୨

କେନ୍ଦ୍ରାପଡା ବ୍ଲକ ବାରୋ ପଞ୍ଚାୟତ ସମବାୟ ସମିତିର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହେଉଛି। ପୂର୍ବତନ ସରପଞ୍ଚ ବୈରାଗୀ ଜେନା କଟକ ସମବାୟ ସମିତି ସଭାପତିଙ୍କୁ ସୋମବାର ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ବାରୋ ପଞ୍ଚାୟତ ସମବାୟ ସମିତି ଅଧୀନରେ ୧୪୦୦ ଚାଷୀ ଋଣ ନେଇଥିଲେ। ବାତ୍ୟା ଯୋଗୁ ଚାଷୀଙ୍କ ଫସଲ ଉଜୁଡ଼ି ଯାଇଥିଲା। ଏ ନେଇ ବୀମା କମ୍ପାନୀ ପକ୍ଷରୁ ୯୦୦ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିଥିବା ବେଳେ ଅନ୍ୟମାନଙ୍କୁ ଅଦ୍ୟାବଧି ଏହି ଅର୍ଥ ମିଳିନାହିଁ। ସେହିପରି ଧାନ କ୍ରୟ ସମୟରେ ଅଖା ବାବଦ ଅର୍ଥ ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି।

## ପଲ୍ଲିଶ୍ରୀ ମେଳାରେ ୨ ସାଂସ୍କୃତିକ ଦଳ ସମ୍ବର୍ଦ୍ଧିତ


ଅତିଥିମାନେ ସାଂସ୍କୃତିକ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡା ଅଫିସ, ୩୦।୧୨

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଗତ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଉତ୍ସବ ପାଇଁ ବାହାର ରାଜ୍ୟରୁ ଆସିଥିବା ଦୁଇ କଳା ସଂଗଠନକୁ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୨୫ ତାରିଖରେ ଝାଡ଼ଖଣ୍ଡର ଛଉ ନୃତ୍ୟ ଓ ୨୬ ତାରିଖରେ ଆସାମ ଗୁଆହାଟୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିହୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କଳାକାରମାନଙ୍କୁ ପଲ୍ଲିଶ୍ରୀ ମଣ୍ଡପରେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ସଂସଦ ପ୍ରଦୀପ ମହାନ୍ତି, ସଭାପତି ଚିନ୍ମୟ ବେହୁରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ସୁବାସ ପାତ୍ର, ଗୋଲଖ ପଡିଆରୀ, ପ୍ରଫୁଲ୍ଲ ଦାସ, ନାରାୟଣ ସାହୁ, ଶରତ ବେହୁରା ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ।

# ନହଙ୍ଗ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଡେରାବିଶ, ୩୦।୧୨ (ସ୍ୱ.ପ୍ର.)

ଚଳିତ ଖରିଫ ଧାନ ଫସଲ ଅମଳ ହେବା ପରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ଶୁକ୍ରବାର ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡିଖୋଲାଯାଇଛି। ମଣ୍ଡିକୁଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ ଉଦ୍‌ଘଟନ କରିବା ସହ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଚାଷୀଙ୍କ ପାଇଁ କରାଯାଇଥିବା ନିୟମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଉଦ୍‌ଘାଟନୀ ସମୟରେ ସମିତି ସଭାପତି ପ୍ରସନ୍ନ କୁମାର ସାହୁ, ପ୍ରଫୁଲ୍ଲ କୁମାର ମଲ୍ଲ, ସମ୍ପାଦକ ପ୍ରସନ୍ନ କୁମାର ପାତ୍ର, ରମେଶ ବେହେରା, ତ୍ରିଲୋଚନ ସାହୁ, ଦେବପ୍ରସାଦ ସାହୁ, କୈଳାସ ରାଉତ, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୭କୁଇଣ୍ଟାଲ୍ ଧାନ କ୍ରୟ ହୋଇଥିବା ଜଣାଯାଇଛି। ସେହିପରି ବ୍ଲକ ଅଧୀନ ଏଣ୍ଡର ସମବାୟ ସମିତିରେ ସୋମବାରଠାରୁ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତି ସଭାପତି ଶ୍ୟାମଳେନ୍ଦୁ ନାୟକ ମଣ୍ଡି ଶୁଭ ଦେଇଥିବା ବେଳେ ସମ୍ପାଦକ ମନୋରଞ୍ଜନ ଦାସ, ସହ-ସମ୍ପାଦକ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଭଦ୍ରକ ଜିଲାକୁ ଛଡ଼ାଯିବ ଖରସ୍ରୋତାର ମଧୁରଜଳ

# ପ୍ରକଳ୍ପ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା ଅଫିସ୍, ୩୦।୧୨

କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଖରସ୍ରୋତା ନଦୀର ମଧୁର ଜଳକୁ ଭଦ୍ରକ ଜିଲାକୁ ନିଆଯିବ। ଭଦ୍ରକ ଜିଲାର ଚାନ୍ଦବାଲି, ତିହିଡ଼ି, ବାସୁଦେବପୁର ଓ ଧାମନଗର ବ୍ଲକ ଅଞ୍ଚଳରେ ଏହି ନଦୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯିବ। ଜିଲାର ୫୨୫ ରାଜସ୍ୱ ଗ୍ରାମର ୬.୧୬ ଲକ୍ଷ ଲୋକ ପାନୀୟ ଜଳ ପାଇବେ। ୭୫୪ କୋଟି ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ହେବାକୁ ଥିବା ବେଳେ ରାଜ୍ୟ ସରକାର ହାଇଦ୍ରାବାଦର ଏକ କମ୍ପାନୀ ସହିତ ଗତ ଜାନୁୟାରୀ ୨୯ରେ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏବେ ପ୍ରକଳ୍ପ ପାଇଁ ଠିକା ସଂସ୍ଥା ପକ୍ଷରୁ ରାଜକନିକାର ତରାସ ପର୍ଯ୍ୟନ୍ତ ପାଇପ୍ ଠୁଳ କରାଯାଉଛି। ଏହି ସ୍ଥାନରୁ ୫ କିଲୋମିଟର ଦୂର ବରୁଣାଡ଼ିଆ ନିକଟରୁ ଖରସ୍ରୋତା ନଦୀରୁ ପାଣି ଉଠାଯିବା ଯୋଜନା ରହିଛି। କିନ୍ତୁ

### ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ


ତରାସଠାରେ ରାସ୍ତା କଡ଼ରେ ରଖାଯାଇଥିବା ପାଇପ୍।

ଖରସ୍ରୋତାର ମଧୁର ଜଳକୁ ଭଦ୍ରକ ଜିଲାକୁ ଛଡ଼ାଗଲେ ଆନ୍ଦୋଳନ କରାଯିବ ବୋଲି ରାଜକନିକାର ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ, ଶୁଭାଶିଷ ଷଡ଼ଙ୍ଗୀ, ବୁଦ୍ଧିଜୀବୀ ଦୁଷ୍ମନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ସୋମବାର ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସାମାଜିକ କର୍ମୀ ନାୟକ କୁହନ୍ତି, ରାଜକନିକା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବିଭିନ୍ନ ନଦୀ ଓ ନାଳ ପାଣି ଭିତରକନିକାର ଜୈବ ବିବିଧତାକୁ ସମୃଦ୍ଧ କରୁଛି। ଏଥିସହିତ ବ୍ଲକ ଅଞ୍ଚଳରେ ଚାଷଜମିକୁ ଜଳସେଚନ ପାଇଁ କେନାଲ ନ ଥିବାରୁ ଖରସ୍ରୋତାର ମଧୁର ଜଳକୁ ଚାଷକାର୍ଯ୍ୟରେ ବ୍ୟବହାର କରାଯାଉଛି। ଏତଦ୍‌ବ୍ୟତୀତ ନଦୀ କୂଳବର୍ତ୍ତୀ ଗ୍ରାମବାସୀ ଖରସ୍ରୋତା ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ରାଜକନିକାର ଦେଉଳତାରା ଓ ଆଳିର ଡିମିରପାଳଠାରେ ୨୦୧୬-୧୭ ଆର୍ଥିକ ବର୍ଷରେ ୨ଟି ମେଗା ଲିଫ୍ଟ ଇରିଗେଶନ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଖରସ୍ରୋତାରୁ ପାଣି ନେଇ ୨୦୫୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ବ୍ୟବସ୍ଥା ହୋଇଛି। ମେଗା ଲିଫ୍ଟ ଇରିଗେଶନ ଓ ବରୁଣାଡ଼ିଆର ପାନୀୟ ଜଳ ପ୍ରକଳ୍ପ ଏକା ସଙ୍ଗେ କାର୍ଯ୍ୟକାରୀ ହେଲେ ଖରସ୍ରୋତାର ମଧୁର ଜଳ ଶେଷ ହୋଇଯିବ। ସେହିପରି ଅନ୍ୟତମ ଅଭିଯୋଗକାରୀ ଷଡ଼ଙ୍ଗୀ କହିଛନ୍ତି, କେନ୍ଦ୍ରାପଡ଼ାର ପଡ଼ୋଶୀ ୩ ଜିଲା ଯାଜପୁର, ଜଗତ୍‌ସିଂହପୁର ଓ ଭଦ୍ରକରେ ଶିଳ୍ପାଞ୍ଚଳ ଗଢ଼ିଉଠିଛି। ଯାଜପୁର ଜିଲାରୁ ଉତ୍ତୋଳିତ ଖଣିଜ ସମ୍ପଦ ଏହି ଜିଲାର ରାସ୍ତା ଦେଇ ପାରାଦୀପକୁ ଯାଉଛି। ଅନେକ ସମୟରେ ମାଲ୍‌ବାହୀ ଗାଡ଼ି ଦୁର୍ଘଟଣା ଘଟି କେନ୍ଦ୍ରାପଡା ଜିଲାବାସୀଙ୍କ ଜୀବନ ଯାଉଛି। ଜଗତସିଂହପୁର ଜିଲାର ଶିଳ୍ପ ସଂସ୍ଥାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ କେନ୍ଦ୍ରାପଡା ଜିଲାରେ ପ୍ରବାହିତ ନଦୀ ଦେଇ ମହାନଦୀକୁ ଛଡ଼ାଯାଉଛି। ସେହିପରି ଭଦ୍ରକର ଧାମରା ବନ୍ଦରକୁ ଆସୁଥିବା ବଡ଼ ଜାହାଜ କେନ୍ଦ୍ରାପଡ଼ା ଜିଲାର ମୁଖ୍ୟ ଆକର୍ଷଣ ଜାତୀୟ ଉଦ୍ୟାନକୁ ବିଭିନ୍ନ ବାଟରେ କ୍ଷତି ପହଞ୍ଚାଉଛି। କିନ୍ତୁ ଏହି ୩ ଜିଲାର କୌଣସି ଅର୍ଥ କେନ୍ଦ୍ରାପଡ଼ା ଜିଲାର ବିକାଶ ପାଇଁ ଖର୍ଚ୍ଚ କରାଯାଉନାହିଁ। ଏଥିସହିତ ସେ କହିଛନ୍ତି, ବରୁଣାଡ଼ିଆ ପାନୀୟ ଜଳ ପ୍ରକଳ୍ପ ପାଇଁ ଜନଶୁଣାଣି ହୋଇ ନ ଥିବାରୁ ଏହାକୁ ବିରୋଧ କରାଯିବ। ଏ ସମ୍ପର୍କରେ ଆଳି ତଟବନ୍ଧ ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ପଚାରିବାରେ, ତରାସଠାରେ ପାଣି ପ୍ରକଳ୍ପ ପାଇଁ ପାଇପ ପଡିଥିବା ଖବର ଆସିଛି। ମେଗା ଲିଫ୍ଟ ଇରିଗେଶନ ଅଥବା ପାନୀୟ ଜଳ ପ୍ରକଳ୍ପ ପାଇଁ ଏହି ପାଇପ ଆସିଥିବା ନେଇ ତନଖି କରାଯାଉଛି। ତନଖି ପରେ ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧/୨୦୧୯ Bhubaneswar, Tuesday, December 31/2019

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ନାଉଗାଁ,୩୦।୧୨(ସ୍ୱ.ପ୍ର.)

ସାପ କାମୁଡ଼ାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁଘଟିଛି। ସେ ହେଲେ ନାଉଗାଁ ବ୍ଲକ ଅନ୍ତର୍ଗତ ଖଇରାବସ୍ତ ଗ୍ରାମର ସୋମନାଥ ସିଂ(୪୦)। ଏନେଇ ସୋମନାଥଙ୍କ ସ୍ତ୍ରୀ ପ୍ରଭାତୀ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମନାଥ ସକାଳୁ ବିଲକୁ ଯାଇଥିଲେ। ଅପରାହ୍ଣ ୪ଟାପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକ ଖୋଜା ଖୋଜି କରିଥିଲେ। ଏହି ସମୟରେ ମୁଣ୍ଡାଳ-ଜାମୁଗାଁ ରାସ୍ତା ପାଖରେ ସୋମନାଥଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଏକ ସାପ କାମୁଡ଼ିଦେବାରୁ ମୃତ୍ୟୁ ହୋଇଥିବା ସୋମାନଥଙ୍କ ସ୍ତ୍ରୀ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପାଇବାପରେ ଥାନାଧିକାରୀ ପ୍ରଜ୍ଞା ରିତାମ୍ବର କର ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

### ୬ ଗୋଦାମରେ ୪୦ଲକ୍ଷ ଟଙ୍କା ହେରଫେର

# ୧୫ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୩୦।୧୨

ଯାଜପୁର ଜିଲା ଯୋଗାଣ ବିଭାଗ ଅଧୀନ ଧାନମଣ୍ଡଳ, ପାଣିକୋଇଲି, ସୟିଦପୁର, ଧର୍ମଶାଳା, ବଡଚଣା ଓ ମଙ୍ଗଳପୁର ଗୋଦାମରେ ବ୍ୟାପକ ହେରାଫେରି ହୋଇଛି। ୨୦୧୫ ନଭେମ୍ବରରୁ ୨୦୧୭ ମାର୍ଚ୍ଚ ମଧ୍ୟରେ ୩୯,୮୨,୫୬୪.୬୮ ଟଙ୍କାର କାରବାର ଉପରେ ଅଡିଟ ରିପୋର୍ଟରେ ଆପତ୍ତି ଉଠିଛି। ସେହିପରି ୬୨,୩୦୧ ଟଙ୍କା ଅସୁଲ କରାଯାଇଛି। ଉପରୋକ୍ତ ହେରାଫେରି ସଂକ୍ରାନ୍ତରେ ଅଡିଟର ପାରା ଅନୁଯାୟୀ ଜିଲା ଯୋଗାଣ ଅଧିକାରୀ (ସିଏସଓ)ଙ୍କୁ ଅନୁପାଳନ (କମ୍ପ୍ଲାଏନ୍ସ) ରିପୋର୍ଟ ଗତ ୧୫।୧୧।୨୦୧୯ ସୁଦ୍ଧା ଦାଖଲ କରିବାକୁ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ସିଏସଓ ଏହି ଦୁର୍ନୀତିକୁ ହାଲୁକା ଭାବେ ଗ୍ରହଣ କରି ନୀରବ ରହିଯାଇଛନ୍ତି। ଏହାକୁ କର୍ତ୍ତବ୍ୟରେ ଅବହେଳା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅମାନ୍ୟ ଦର୍ଶାଇ ବିଭାଗୀୟ ଚିଫ୍ ଆକାଉଣ୍ଟ ଅଫିସର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଆସନ୍ତା ୧୫।୧।୨୦୨୦ ସୁଦ୍ଧା ଅସୁଲ ହୋଇଥିବା ୬୨,୩୦୧ ଟଙ୍କାର ଆବଶ୍ୟକ କାଗଜପତ୍ର ସହ ଗୋଦାମରେ ଗଚ୍ଛିତ ଶସ୍ୟର କ୍ଷତି ଓ ଅସୁଲ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅଡିଟ ରିପୋର୍ଟରେ ହେରାଫେରି, ଅନିୟମିତତା କିମ୍ବା ହଡ଼ପ ହୋଇଥିବା ନିଗମ ଅର୍ଥ ଅସୁଲି ହୋଇ ନ ପାରିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଓସିଏସ(ସିସିଏ) ରୁଲ୍ସ ୧୯୬୨/ଓସିଏସ(ପେନସନ) ରୁଲ୍ସ ୧୯୯୨ ଅନୁଯାୟୀ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ଗ୍ରହଣ କରାଯାଇଥାଏ। ଅବସର ଗ୍ରହଣ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ପେନ୍‌ସନ ସୁବିଧା ପାଇବାରେ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଏହି ମର୍ମରେ ରାଜ୍ୟ ଯୋଗାଣ ନିଗମର ଫାଇନାନ୍ସିଆଲ ଆଡଭାଇଜର ଓ ଚିଫ୍ ଆକାଉଣ୍ଟ ଅଫିସର ସମସ୍ତ ଯୋଗାଣ ଅଧିକାରୀଙ୍କୁ ସୂଚିତ କରିଛନ୍ତି। ଯାଜପୁର ଜିଲା ଯୋଗାଣ ବିଭାଗରେ ୨୦୧୫ ନଭେମ୍ବରରୁ ୨୦୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଅଡିଟ ରିପୋର୍ଟର ପାରା ଅନୁଯାୟୀ ଏଯାଏ ଅନୁପାଳନ ହୋଇ ନାହିଁ। ରାଜ୍ୟ ଯୋଗାଣ ନିଗମର ଫାଇନାନ୍‌ସିଆଲ ଆଡଭାଇଜର ଓ ଚିଫ୍ ଆକାଉଣ୍ଟ ଅଫିସର ତାଙ୍କ ପତ୍ରସଂଖ୍ୟା ୧୫୧୦୧/୧୬।୧୦।୨୦୧୯ରେ ଆସନ୍ତା ୧୫।୧୧।୨୦୧୯ ସୁଦ୍ଧା ନିଶ୍ଚିତଭାବେ ଆବଶ୍ୟକ ଦିଲିଲଯୁକ୍ତ ସାକ୍ଷ୍ୟପ୍ରମାଣ ସହ ଅଡିଟ ରିପୋର୍ଟର ଅନୁପାଳନ କରିବାକୁ ବିଭାଗ ପକ୍ଷରୁ ତାଗିଦ କରିଥିଲେ। ଗତ ୧୦ମାସ ହେଲା ଏହି ପ୍ରକ୍ରିୟାକୁ ପାଳନ କରିବାରେ ବିଭାଗ ବିଫଳ ହୋଇଥିବାରୁ ଜିଲା ଅକାଉଣ୍ଟ ମୁଖ୍ୟ ଓ ଜିଲା ଯୋଗାଣ ଅଧିକାରୀ (ସିଏସଓ)ଙ୍କୁ ଏଥିପାଇଁ ଦାୟୀ କରାଯାଉଛି। ତେବେ ଗତ ଅକ୍ଟୋବର ୪ରେ ଅଡିଟ ପାରାରେ ନିଗମ ଅର୍ଥ ହେରଫେର କରିଥିବା ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ସଚିବ ଏକ ଅଫିସ ମେମୋରେଣ୍ଡମ ସଂଖ୍ୟା ୧୫୨୬୫/୪।୧୦।୨୦୧୯ରେ ଜାରି କରିଥିଲେ। ସେଥିରେ ଅଡିଟ ଚିହ୍ନଟ ଅନୁଯାୟୀ ସରକାରୀ ଅର୍ଥ କ୍ଷତି କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିରେ ଯାଜପୁର ଜିଲା ଯୋଗାଣ ବିଭାଗରେ ଅନେକ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେବେ ଏହିକ୍ରମରେ ଅଡିଟ ପାରା-୧ରେ ତତ୍କାଳୀନ ପାଣିକୋଇଲି ଗୋଦାମର ଇନଚାର୍ଜ ରାଜଲକ୍ଷ୍ମୀ ପଣ୍ଡାଙ୍କଠାରୁ ୨୧୨୦ ଟଙ୍କା ଏବଂ ପାରା-୨ରେ ଲେବୁଲ-୧ କଣ୍ଟ୍ରାକ୍ଟର ବିଧୁଶ କୁମାର ଧଳଙ୍କଠାରୁ ୬୦,୧୮୧ ଟଙ୍କା ଅସୁଲ ହୋଇଥିବା ଦର୍ଶାଯାଇଛି। ତେବେ ଏହି ଅସୁଲଯୋଗ୍ୟ ଅର୍ଥ ଉପରେ ଏଯାଏ କୌଣସି ଦଲିଲଯୁକ୍ତ ସାକ୍ଷ୍ୟ ପ୍ରମାଣ ଦାଖଲ ହୋଇ ନାହିଁ। ଏ ସଂକ୍ରାନ୍ତରେ ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ, ଏହି ଘଟଣା ସମୟର ସିଏସଓଙ୍କ ମୃତ୍ୟୁ ହୋଇଯାଇଛି। ଏହାସହ ସେହି ସମୟର ଆବଶ୍ୟକ କାଗଜପତ୍ର ମିଳୁନାହିଁ। ତଥାପି ଅଡିଟ ରିପୋର୍ଟ ଉପରେ ଅନୁପାଳନ କରିବାକୁ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

## ୩ ମାସର ଜନ ଶୁଣାଣି ତାରିଖ ଘୋଷଣା

ଜଗତ୍‌ସିଂହପୁର ଅଫିସ,୩୦।୧୨

ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତାରିଖ ଘୋଷଣା ହୋଇଛି। ଏହି ଶୁଣାଣିଗୁଡିକ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସ୍ଥିରିକୃତ ତାରିଖ ଅନୁଯାୟୀ ଜାନୁୟାରୀ ୬ରେ ବାଲିକୁଦା ବ୍ଲକରେ ଶୁଣାଣି କରାଯିବ। ସେହିପରି୧୩ରେ ନାଉଗାଁ, ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୭ରେ ଏରସମା ବ୍ଲକରେ ଶୁଣାଣି ହେବ। ଫେବୃୟାରୀ ପାଇଁ ୩ ତାରିଖରୁ ଶୁଣାଣି ଆରମ୍ଭ ହେବ। ଏହି ଦିନ କୁଜଙ୍ଗ, ୧୦ରେ ବିରିଡ଼ି, ୧୭ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୪ରେ ତିର୍ତ୍ତୋଲ ବ୍ଲକରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମାର୍ଚ୍ଚ ପାଇଁ ୨ରୁ ୩୦ ତାରିଖ ମଧ୍ୟରେ ଶୁଣାଣି କରାଯିବ। ୨ରେ ରଘୁନାଥପୁର ବ୍ଲକ, ୧୬ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୩ ବାଲିକୁଦା ବ୍ଲକ ଓ ୩୦ରେ ନାଉଗାଁ ବ୍ଲକରେ ଶୁଣାଣି ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍‌ପି ପ୍ରକାଶ ଆର୍, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ ଡ. କାହ୍ନୁଚରଣ ଧୀର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲାସ୍ତରୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ବ୍ଲକସ୍ତରୀୟ ଅଧିକାରୀ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

## ମାଛ ଗୋଦାମରୁ ଟଙ୍କା ଲୁଟ୍

ବାଲିକୁଦା,୩୦।୧୨(ସ୍ୱ.ପ୍ର.)

ବାଲିକୁଦା ତହସିଲ ଛକଠାରେ ଥିବା ମହାବୀର ମାଛ ଗୋଦାମରୁ ରବିବାର ରାତିରେ ଲୁଟ୍ ହୋଇଛି। ଲୁଟେରା ଗୋଦାମର ପଛପଟ କାନ୍ଥକାଟି ପ୍ରାୟ ୨୨ ହଜାର ଟଙ୍କା ଲୁଟି ନେଇଛନ୍ତି। ରବିବାର ଥିବାରୁ ଗୋଦାମ ମାଲିକ ଶିବପ୍ରସାଦ ପାତ୍ର ନିଜର କେତେଙ୍କ ବ୍ୟବସାୟୀଙ୍କଠାରୁ ସନ୍ଧ୍ୟାରେ ଆଦାୟ କରିଥିବା ଟଙ୍କା ରଖି ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳେ ଗୋଦାମକୁ ଆସି ଦେଖିବାବେଳକୁ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଏଥିସହିତ ତାଙ୍କ ଗୋଦାମର ପଛପାଖ କାନ୍ଥ କଟାଯାଇଥିଲା। ଏନେଇ ସେ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ରଘୁନାଥପୁରରେ ଜିଲାପାଳଙ୍କ ଜନଶୁଣାଣି

# ଖର୍ଚ୍ଚ ନ କଲେ ଫେରିଯିବ ଫନୀ ଅନୁଦାନ

ରଘୁନାଥପୁର ,୩୦। ୧୨ (ଡି.ଏନ.ଏ.)

ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଛି ରଘୁନାଥପୁର ବ୍ଲକ। ଗୋଷ୍ଠୀ ବିବାଦ ତଥା ବଳ କଷାକଷି, ଟଣାଓଟରା ଯୋଗୁ ଆଗେଇ ପାରୁନି ଉନ୍ନୟନମୂଳକ କାର୍ଯ୍ୟ। ସରକାରୀ ଗୃହ, ଭତ୍ତା ଆଦି କେତେକ କାର୍ଯ୍ୟକୁ ଛାଡି ଦେଲେ ବାତ୍ୟା ଫନୀ ପରେ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ଆସିଥିବା ଉନ୍ନୟନମୂଳକ ଅନୁଦାନ ଖର୍ଚ୍ଚ ନ ହୋଇ ପଡିରହିଛି। ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଅନୁଷ୍ଠିତ ଯୁଗ୍ମ ଜନଶୁଣାଣିରେ ବାତ୍ୟା ଫନୀ ଅନୁଦାନ ଖର୍ଚ୍ଚ ହୋଇ ନ ପାରିବା ନେଇ ଅଭିଯୋଗ ହୋଇଥିଲା। ଉପସ୍ଥିତ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ଦେଢମାସ ମଧ୍ୟରେ ଯଦି ଫନୀ ଅନୁଦାନ ବ୍ଲକ ଅଞ୍ଚଳରେ ବିନିଯୋଗ କରା ନ ଯାଏ, ଏହାକୁ ଅନ୍ୟ ବ୍ଲକକୁ ପଠାଇ ଦିଆଯିବ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଓ ସହଯୋଗ ରହିବା ଦରକାର ବୋଲି ଜିଲାପାଳ ମହାପାତ୍ର କହିଥିଲେ। ଯଦି ଏହି ସମୟ ମଧ୍ୟରେ କାର୍ଯ୍ୟ ନ ହୁଏ ଫନୀ ଅନୁଦାନ ଫେରିଯାଏ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯୁଗ୍ମ ଅଭିଯୋଗ ଶୁଣାଣିରେ ୭୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ତତ୍କାଳ ୫ ଅଭିଯୋଗର ଫଇସଲା କରାଯାଇଥିଲା। କିଡନୀ ଜନିତ ସମସ୍ୟାରେ ପୀଡିତ ରୋଗୀ ପୁରଣଓଡପଡାର ପ୍ରଶାନ୍ତ ଭୋଇଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ଚେକ୍ ପ୍ରଦାନ ଏବଂ ଜଗନ୍ନାଥପୁର ଗାଁର ସୁରେନ୍ଦ୍ର ଭୋଇଙ୍କ ନାବାଳିକା କନ୍ୟାର ଚିକିତ୍ସା ପାଇଁ ରେଡକ୍ରସ ପକ୍ଷରୁ ୫ ହଜାର ଟଙ୍କାର ଚେକ୍ ଦିଆଯାଇଥିଲା। ବ୍ୟକ୍ତିଗତ ୬୩ ସମସ୍ୟା ମଧ୍ୟରୁ ସରକାରୀ ଗୃହ ବାବଦରେ ୨୫ଟି, ଭତ୍ତା ୧୧ଟି, ରାଶନକାର୍ଡ ୫ଟି, କାଳିଆ ଯୋଜନା ସମ୍ପର୍କିତ ୩ଟି, ଜମିଜମା ୫ଟି, ଆଇନ ସହାୟତା ୫ଟି, ଗାଁ ସମସ୍ୟା ୭ଟି ଓ ଅନ୍ୟାନ୍ୟ ୪ ଅଭିଯୋଗ ଆସିଥିଲା। ଜିଲାପାଳ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଏଏସ୍‌ପି ବିଶ୍ୱନାଥ ମିଶ୍ର, ବିଡିଓ ପଞ୍ଚାନନ ପଟାୟତ, ତହସିଲଦାର ରୁପାଲିକା ଦାଶ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଭାଜପା ପକ୍ଷରୁ ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା ଓ ଅଶୋକ ନାୟକଙ୍କ ସମେତ କର୍ମୀମାନେ କଳିଆ ଯୋଜନା ସମ୍ପର୍କରେ ଅଭିଯୋଗ କରିଥିବାବେଳେ ସରପଞ୍ଚ ଶେଷଦେବ ସେଠୀ, ସରୋଜ କୁମାର ଦାସ ଓ ସମିତିସଭ୍ୟ ମେହେବୁବ୍ ବେଗ୍ ଫନୀ ଅନୁଦାନ ଖର୍ଚ୍ଚ ହୋଇ ନ ପାରିବା ସମ୍ପର୍କରେ ଅଭିଯୋଗ କରିଥିଲେ। ସେହିପରି ଧରାଧରପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ସରପଞ୍ଚଙ୍କ ସ୍ୱାମୀ ଅଯଥା ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ନାଉଗାଁ ଓଷକଣାର କ୍ୟାନସର ରୋଗୀ ଚିନ୍ମୟୀ ପଣ୍ଡା ଓ ଜଗନ୍ନାଥପୁର ବାଗସାହିର କ୍ୟାନସର ରୋଗୀ ବବିତା ସେଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

### ମା, ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ

# ହତ୍ୟା କରିଥିବା କହି ଥାନାର ଦ୍ୱାରସ୍ଥ ହେଲେ ଅଭିଯୁକ୍ତ

ଯାଜପୁର ଅଫିସ,୩୦।୧୨

ସୁକିନ୍ଦା ଥାନା ମାଧପୁର ଗ୍ରାମର ଶ୍ୟାମ ଦେହୁରୀ ନାମକ ଜଣେ ଯୁବକ ସୋମବାର ନିଶାସକ୍ତ ଅବସ୍ଥାରେ ନିଜ ମା' ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ଶ୍ୟାମ ନିଶାସକ୍ତ ଅବସ୍ଥାରେ ଥିବାରୁ ତାଙ୍କ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଯଦ୍ୱାରା ଉଭୟ ମା' ଓ ସ୍ତ୍ରୀ ସାମାନ୍ୟ ଆଘାତ ପାଇଥିଲେ। ମାତ୍ର ଉକ୍ତ ଯୁବକ ଆକ୍ରମଣ କରିବା ପରେ କଟୁରୀକୁ ଧରି ସୁକିନ୍ଦା ଥାନାରେ ପହଞ୍ଚି ନିଜ ମା' ଓ ସ୍ତ୍ରୀଙ୍କୁ ହତ୍ୟା କରିଥିବା କହିଥିଲେ। ଏହା ଶୁଣି ଥାନାରେ ଥିବା ଅଧିକାରୀମାନେ ତାଙ୍କୁ କାବୁ କରିବା ସହିତ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦୋରାଙ୍କୁ ଜଣାଇଥିଲେ। ଦୋରା ତୁରନ୍ତ ଥାନାରେ ପହଞ୍ଚି ଏସ୍‌ଆଇ ଇନାମୁଲ ହକ୍ ଏବଂ କିଛି କର୍ମଚାରୀଙ୍କୁ ନେଇ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ପୋଲିସକୁ ଦେଖି ମା' ଲାବଣ୍ୟ ଦେହୁରୀ (୭୦) ଓ ସ୍ତ୍ରୀ ବିଜୁଳି ଦେହୁରୀ ଭୟରେ ପଦାକୁ ବାହାରି ନ ଥିଲେ। ପୋଲିସ ବହୁ ବୁଝାସୁଝା କରି ଡାକିବା ପରେ ସେମାନେ ଘରୁ ବାହାରକୁ ଆସିଥିଲେ ଓ ସମସ୍ତ ବିଷୟ କହିଥିଲେ। ଖାଇବାରେ ଶ୍ୟାମ ଅସନ୍ତୁଷ୍ଟ ହୋଇ ସ୍ତ୍ରୀଙ୍କୁ ବାଡେଇବା ସମୟରେ ତାଙ୍କ ମା' ବିରୋଧ କରିଥିଲେ। ଫଳରେ ନିଶାସକ୍ତ ଅବସ୍ଥାରେ ଥିବା ଶ୍ୟାମ ଏକ କଟୁରୀରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏହା ଜାଣିବା ପରେ ପୋଲିସ ଅଧିକାରୀମାନେ ସେଠାରୁ ଫେରି ଏକ ମାମଲା (ନଂ.୩୧୭/୨୦୧୯) ରୁଜୁ କରିଥିଲା। ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।




## ସଂସ୍କୃତିକୁ ଉଦ୍‌ଜୀବିତ କରିବା ଫେଷ୍ଟିଭାଲର ମୂଳଲକ୍ଷ୍ୟ



ନାଉଗାଁ ଫେଷ୍ଟିଭାଲ୍‌ରେ ମଞ୍ଚାସୀନ ଅତିଥି।

ନାଉଗାଁ,୩୦।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକସ୍ଥିତ ଯୋଗମାୟା ପୀଠରେ ସ୍ଥାନୀୟ ସ୍ୱାଭିମାନ ପରିଷଦ ତରଫରୁ ଚାଲିଥିବା ନାଉଗାଁ ଫେଷ୍ଟିଭାଲ ଉଦ୍‌ଯାପିତ ହୋଇଯାଇଛି। ପରିଷଦ ସଭାପତି ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ପ୍ରଭାକର ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବାବା ସତ୍ୟାନନ୍ଦ ଦାସ, ମୁଖ୍ୟବକ୍ତା କୃଷ୍ଣଚନ୍ଦ୍ର ଆଇଚ, ବାବା ଗୋବିନ୍ଦ ଚନ୍ଦ୍ର ଚକ୍ରବର୍ତ୍ତୀ ଯୋଗଦେଇ ବର୍ତ୍ତମାନ ସଭ୍ୟ ସମାଜରେ ସମସ୍ତେ ସହାରାଭିମୁଖୀ ହୋଇଛନ୍ତି। ଏଥିପାଇଁ ଗାଁ ସଂସ୍କୃତି, ଗାଁର ଚାଲି ଚଳଣି ଧୀରେଧୀରେ ଲୋପ ପାଇବାକୁ ବସିଲାଣି। ତେଣୁ ଗାଁ ପର୍ବ ପର୍ବାଣି, ଗାଁର ସଂସ୍କୃତିକୁ ଉଦ୍‌ଜୀବିତ କରି ରଖିବା ଏହି ଫେଷ୍ଟିଭାଲର ମୂଳଲକ୍ଷ୍ୟ ବୋଲି କହିଥିଲେ।

୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଅଭିନେତା ଧୀରେନ ମିଶ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପୂର୍ବତନ ବିଧାୟକ ଦାସଙ୍କୁ ନାଉଗାଁ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭରତ ନାଟ୍ୟମ, ଲୋକନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ, ମୋଗଲ ତାମସା, ଉତ୍କଳ ଭାରତୀକଳା ନିକେତନ, ବାସୁଦେବ ନୃତ୍ୟ କଳା ଏକାଡେମୀ, ଗଜରାଜପୁର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ତପନ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ଧନଞ୍ଜୟ ପରିଜା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମନୋରଞ୍ଜନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଷଦର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ମନରେ ଯେତେବେଳେ ସୁଖ-ଦୁଃଖର କଳ୍ପନା ଜାତ ହୁଏ ତେବେ ତାକୁ ବିରୋଧ କର, ତାକୁ ଘର କରି ରହିବାକୁ ଦିଅନାହିଁ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଆହାର କେନ୍ଦ୍ର, ସ୍କୁଲକୁ ରାତ୍ର ରହଣିସ୍ଥଳ କରିବାକୁ ନିର୍ଦ୍ଦେଶ

**ଯାଜପୁର ଟାଉନ,୩୦।୧୨(ଡିଏନଏ):** ସାରା ରାଜ୍ୟରେ ପ୍ରବଳ ଶୀତ ଲହରୀ ହୋଇଥିବାରୁ ଯେଉଁ ଲୋକମାନେ ଖୋଲା ସ୍ଥାନରେ ବା ରାସ୍ତାକଡ଼ରେ ରାତ୍ରୀଯାପନ କରୁଛନ୍ତି ସେମାନେ ଶୀତରେ ଅନେକ କଷ୍ଟ ପାଉଥିବା ଦେଖାଦେଇଛି। ଜିଲାରେ ଥିବା ସମସ୍ତ ୪ଟି ଆହର କେନ୍ଦ୍ର ଯଥା ଯାଜପୁର ଟାଉନ୍, ବ୍ୟାସନଗର, ଢୁବୁରୀ ଓ ଚଣ୍ଡିଖୋଲ ଆହାର କେନ୍ଦ୍ରଗୁଡ଼ିକୁ ରାତ୍ର ରହଣୀସ୍ଥଳ ଭାବେ ବ୍ୟବହାର କରିବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବ୍ଲକଗୁଡ଼ିକରେ ବାହାରେ ରାତ୍ରୀଯାପନ କରୁଥିବା ଅନୁରୂପ ଆଶ୍ରୟସ୍ଥଳ ଭାବେ ଚିହ୍ନଟ କରିବାକୁ ଜିଲାପାଳ ଦାସ ସମସ୍ତ ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ସ୍କୁଲଗୁଡିକ ମଧ ରାତ୍ରୀ ରହଣୀସ୍ଥଳ ଭାବେ ବ୍ୟବହାର କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ଲାଲବାହାଦୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ

**ଧର୍ମଶାଳା,୩୦।୧୨(ଡିଏନଏ):** ଧର୍ମଶାଳା ବ୍ଲକ କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲର ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବର୍ତ୍ତମାନର ଛାତ୍ରଛାତ୍ରୀ ସହ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ପିଲାଦିନର ସାଥୀଙ୍କ ସହ ମିଶିଥିଲେ। ପୂର୍ବାହ୍ନ ଅଧିବେଶନରେ ଅବସରପ୍ରାପ୍ତ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ଗୁରୁ ଗମ୍ଭୀର ପରିବେଶରେ ପୂଜା କରିବା ସହ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ଅପରାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବିଦ୍ୟାଳୟର ପାଠପଢ଼ା ସହ ଛାତ୍ରୀଛାତ୍ରଙ୍କ ସୃଜନ ଶକ୍ତିର ବିକାଶ ଦିଗରେ କାର୍ଯ୍ୟ କରିବା ସହ ପିଲାଙ୍କୁ କ୍ରୀଡା ଅଭିମୁଖ୍ୟ କରାଇବା ଦିଗରେ ଗୁରୁତ୍ୱ ଦେଇଥିଲେ। ସଭାରେ ସରପଞ୍ଚ ଅକ୍ରୁର ଚରଣ ନାୟକ, ପ୍ରତିଷ୍ଠାତା ସମ୍ପାଦକ ପଦ୍ମନାଭ ସାହୁ, ଗବେଷକ ନୃସିଂହ ଚରଣ ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହୋଇ ସେବା ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେବା ସହ ବନ୍ଧୁ ମିଳନ ପର୍ବ ସେମାନଙ୍କ ମଧ୍ୟରେ ସହୃଦୟତା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ କାଏମା ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହରିହର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ସହ ସମ୍ପାଦକ ଗଣେଶ୍ୱର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମନୋରଞ୍ଜନ ଦାସ, ପ୍ରଭାତ ସାହୁ,ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ କୋଷାଧକ୍ଷ ନଟବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କୌଶଳ ବିକାଶ କେନ୍ଦ୍ରରେ ସାଜସଜ୍ଜା ପ୍ରକଳ୍ପ

# ବଦଳି ପରେ ବି ବିଡିଓଙ୍କ କାର୍ଯ୍ୟାଦେଶ

**ଯାଜପୁର ଅଫିସ,୩୦।୧୨**

ଯାଜପୁର ଜିଲା କୋରେଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ଦୁର୍ନୀତି ଓ ଅନିୟମିତତା ବଢ଼ିବାରେ ଲାଗିଛି। ଏପରିକି ବିଡିଓଙ୍କ ବଦଳି ପରେ ହୋଇଥିବା କାର୍ଯ୍ୟାଦେଶର ନିର୍ମାଣ କାର୍ଯ୍ୟର ବିଲ କରିବାକୁ ସମ୍ପୃକ୍ତ ଯନ୍ତ୍ରୀ ମନା କରିବାରୁ ତାଙ୍କୁ ରାତିଅଧିଆ ବଦଳି ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, କୋରେଇ ବ୍ଲକ ପରିସରରେ ଏକ କୌଶଳ ବିକାଶ କେନ୍ଦ୍ର ନିର୍ମାଣ କରାଯାଇ ଗୃହ ମଧ୍ୟରେ ଆନ୍ତଃ ସାଜସଜ୍ଜା ଓ ସବୁଦିନିଆ ବସିବା ବ୍ୟବସ୍ଥା ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟାଦେଶ କୋରେଇ ବ୍ଲକର କନିଷ୍ଠ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ରଙ୍କ ନାମରେ ବ୍ଲକ ତରଫରୁ କାର୍ଯ୍ୟାଦେଶ ସଂଖ୍ୟା ୯୦୪ ମାଧ୍ୟମରେ ଗତ ୮।୩।୨୦୧୯ ତାରିଖରେ ବିଡିଓ ହେମନ୍ତ କୁମାର ବିହାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶ ମିଳିବାର ୩ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ୩ମାସ ମଧ୍ୟରେ ସାରିବାକୁ କାର୍ଯ୍ୟାଦେଶରେ ଦର୍ଶାଯାଇଥିଲା। ଏହି କୌଶଳ ବିକାଶ କେନ୍ଦ୍ର ଗୃହଟି ବ୍ଲକ ପ୍ରଶାସନ ତରଫରୁ ଟେଣ୍ଡର କଲ୍ ନୋଟିସ ୪୫୫/(୧) ମାଧ୍ୟମରେ ଗତ ୨୮।୩।୨୦୧୬ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହାପରେ ତତ୍କାଳୀନ କୋରେଇ ବିଡିଓ ହେମନ୍ତ କୁମାର ବିହାରୀ ୬।୨।୨୦୧୯ ପତ୍ର ସଂଖ୍ୟା ୪୩୫ ଓ ୪୩୬ ମାଧ୍ୟମରେ ଜିଲାପାଳଙ୍କୁ ବ୍ଲକରେ ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥ ଓ ବ୍ୟାଙ୍କ ଖାତାରେ ମିଳିଥିବା ସୁଧ ଟଙ୍କାକୁ ଖର୍ଚ୍ଚ କରି କିଛି ପ୍ରକଳ୍ପ ନିର୍ମାଣ କରିବା ପାଇଁ ଅନୁମତି ମାଗିଥିଲେ। ଏହି ପତ୍ରକୁ ଦୃଷ୍ଟିକୁ ନେଇ ଜିଲାପାଳ ୧୨।୨।୨୦୧୯ରେ ପତ୍ର ସଂଖ୍ୟା ୧୦୫୭ ମାଧ୍ୟମରେ ଏହି ଅର୍ଥକୁ କୌଣସି ଏକ ପ୍ରକଳ୍ପ ମାଧ୍ୟମରେ ଖର୍ଚ୍ଚ କରିବାକୁ ଅନୁମତି ଦେବାପରେ ପତ୍ରକୁ ତତ୍କାଳୀନ ବିଡିଓ ବିହାରୀ ୧୩।୨।୨୦୧୯ରେ ଗ୍ରହଣ କରିଥିଲେ। ଏହାପରେ ବିଡିଓ ବିହାରୀଙ୍କ ବଦଳି ଆଦେଶ ଆସିଥିବାରୁ ସେ ୧୮।୨।୨୦୧୯ରେ କୋରେଇ ବ୍ଲକରୁ ବଦଳି ହୋଇଥିବା ସ୍ଥାନକୁ ରିଲିଫ ହୋଇଯାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ବଦଳି ଆଦେଶ ପାଇ ରିଲିଫ ହୋଇସାରିବା ପରେ ବିଡିଓ ହେମନ୍ତ କୁମାର ବିହାରୀ ୮।୩।୨୦୧୯ରେ ଏହି କୌଶଳ ବିକାଶ କେନ୍ଦ୍ରର ସାଜସଜା ଓ ସବୁଦିନ ପାଇଁ ବସିବା ବ୍ୟବସ୍ଥାର କାର୍ଯ୍ୟାଦେଶ କିପରି ଦେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତାଙ୍କ ବଦଳରେ କୋରେଇ ବିଡିଓ ଭାବେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା ବିଡିଓ ଦାୟିତ୍ୱରେ ରହିଥିଲେ। ଏଭଳି ସ୍ଥିତିରେ କୌଶଳ ବିକାଶ କେନ୍ଦ୍ରର ସାଜସଜା ପାଇଁ ହୋଇଥିବା ବିଲ୍ କିଏ କରିବ ସେ ନେଇ ହଟଚମଟ ସୃଷ୍ଟି ହୋଇଛି। ବ୍ଲକରେ ୨/୩ ମାସ ତଳେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଯନ୍ତ୍ରୀ ଦେବାଶିଷ ମିଶ୍ରଙ୍କୁ ବିଲ କରିବାକୁ କୁଆଡେ ଚାପ ପ୍ରୟୋଗ ହୋଇଥିଲା। ହେଲେ ଏହି ବିବାଦୀୟ ବିଲ ସେ ଆଦୌ କରିବେ ନାହିଁ ବୋଲି ରୋକଠୋକ ମନା କରିଥିଲେ। ତେଣୁ ତାଙ୍କୁ ୨୭।୧୨।୨୦୧୯ରେ ହଠାତ ବଦଳି ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ କୋରେଇ ବ୍ଲକରେ ବିଡିଓ ନ ଥିବାରୁ ସହକାରୀ ଯନ୍ତ୍ରୀ ମନୋଜ ସେନାପତିଙ୍କୁ ପଚାରିବାରେ, ସେ ଛୁଟିରେ ଥିବାରୁ ଏ ସଂକ୍ରାନ୍ତରେ କୌଣସି ମତାମତ ଦେଇ ପାରିବେ ନାହିଁ ବୋଲି କହିଥିଲେ।

**କୋରେଇ ବ୍ଲକ**



■ବିଲ୍ ନ ହେବାରୁ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି ଚର୍ଚ୍ଚା

### ବାଲିଚନ୍ଦ୍ରପୁର ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଚଣ୍ଡିଖୋଲ,୩୦।୧୨(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ହାଇସ୍କୁଲର ୧୯୮୯ ବ୍ୟାଚର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ରବିବାର ନିକଟସ୍ଥ ଓଳାଶୁଣୀ ପାହାଡ଼ ଶୀର୍ଷଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିଥିଲେ। ଏଥିରେ ସନ୍ତୋଷ କୁମାର ମହାନ୍ତି, କିଶୋର କୁମାର ସାହୁ, ପ୍ରଦୀପ୍ତ କୁମାର ଷେଣ୍ଠ, ବାଦଲ କୁମାର ରାଉତରାୟ, ଭରତ ଚନ୍ଦ୍ର ଶତପଥୀ, ପ୍ରମୋଦ କୁମାର ପୃଷ୍ଟି, ଚିତ୍ତରଞ୍ଜନ ବିଶ୍ୱାଳ, ମଳୟ କୁମାର ମହାରଣା, ସଂଜୟ କୁମାର ବିଶ୍ୱାଳ, ମହେଶ୍ୱର ସାମଲ, ରଣଜିତ ଦାସ, ଅକ୍ଷୟ କୁମାର ପରିଡ଼ା, ପ୍ରଶାନ୍ତ ମହାରଣା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଶଙ୍କରର୍ଷଣ ଦାସ, ଭକ୍ତ ଚରଣ ବିଶ୍ୱାଳ, ସୁବାଷ ବିଶ୍ୱାଳ, ରଞ୍ଜନ ସାହୁ, ବାବାଜି ଦାସ, ରଞ୍ଜିତା ଜେନା, ସୁମିତ୍ରା ମହାରଣା, ବବିତା ସାହୁ, ଦିମତ୍ରୀ ରଞ୍ଜନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅତୀତର ସ୍ମୃତିଚାରଣ କରିବା ସହ ଭାବ ବିନିମୟ କରିଥିଲେ। ଶେଷରେ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ସଫେଇ କାର୍ଯ୍ୟକ୍ରମ କରିବା ସହ ପ୍ଲାଷ୍ଟିକ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ।

# 'ଦକ୍ଷତା ରୋଜଗାରର ବାଟ ସୃଷ୍ଟି କରେ'

**ବିଞ୍ଝାରପୁର,୩୦।୧୨(ଡି.ଏନ.ଏ)**

ଗ୍ରାମାଞ୍ଚଳର ବେରୋଜଗାର ଯୁବତୀଯୁବକଙ୍କୁ ରୋଜଗାର ଦେବା ଓ ଆତ୍ମନିର୍ଭଶୀଳ କରିବା ଲକ୍ଷ୍ୟରେ ଜୀବିକା ମିଶନ ଓ ଓରମାସ ମିଳିତ ସହଯୋଗରେ ବିଞ୍ଝାରପୁରସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ଦକ୍ଷତାଭିତ୍ତିକ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ଦକ୍ଷତାଭିତ୍ତିକ ଶିବିରରେ ମୁଖ୍ୟ ଅତିଥିରୂପେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ଯୋଗଦେଇ ସମ୍ପ୍ରତି ସ୍ଥିତିରେ ବେରୋଜଗାରୀ ଏକ ଉତ୍କଟ ସମସ୍ୟାରେ ପରିଣତ ହୋଇଛି। ଏହି ସମସ୍ୟା ଦୂର କରିବାକୁ ହେଲେ ବେରୋଜଗାର ଯୁବତୀଯୁବକମାନେ ନିଷ୍ଠା, ଆଗ୍ରହ ଓ ଦକ୍ଷତାକୁ ଦୃଢ଼ତାର ସହିତ ପ୍ରତିପାଦନ କରି ନିଜକୁ ରୋଜଗାରକ୍ଷମ କରିପାରିଲେ ସମାଜ ଆହୁରି ଆଗେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ମୁଖ୍ୟବକ୍ତା ଭାବେ ବିଡିଓ ମିନତୀ ଜଗଦେବ ଯୋଗଦେଇ ଗ୍ରାମାଞ୍ଚଳରେ ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସରକାର ଜୀବିକା ମିଶନ ଓ କ୍ଷୁଦ୍ର ଶିଳ୍ପ ବିଭାଗ ଅନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଏହି ସବୁ ଯୋଜନାକୁ ଠିକଭାବେ ବ୍ୟବହାର କରି ଯୁବତୀଯୁବକମାନେ ରୋଜଗାରକ୍ଷମ ହୋଇ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ବିଏସଏସଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ୪ଶହରୁ ଉର୍ଦ୍ଧ୍ୱ ଯୁବତୀଯୁବକମାନେ ଯୋଗ ଦେଇଥିଲେ। ଏହି ଶିବିରରେ ଜୀବିକା ମିଶନର ଜିଲା ସଂଯୋଜକ ବିକାଶ ରଞ୍ଜନ ରାଉତ, ବ୍ଲକ ସଂଯୋଜକ ଭବାନୀ ଶଙ୍କର ମିଶ୍ର ପ୍ରମୁଖ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇବା ସହିତ ଆତ୍ମନିର୍ଭରଶୀଳ ହେବାର ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରରେ ୧୬ଟି କମ୍ପାନୀର ପିଆଇମାନେ ଯୋଗଦେଇ ଆଗ୍ରହୀ ଯୁବତୀଯୁବକଙ୍କୁ ନିଜ କମ୍ପାନୀରେ କାର୍ଯ୍ୟ କରିବା ନିମନ୍ତେ ସାକ୍ଷାତକାର ନେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମାନସ ଦାସ, ମିତାଞ୍ଜଳି ପଟ୍ଟନାୟକ, ସୋନାଲି ଆଚାର୍ଯ୍ୟ, ଟିଙ୍କିଲି ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ନିଯୁକ୍ତି ଶିବିରରେ ମଞ୍ଚାସୀନ ଅତିଥି।

**ଓରମାସ ପକ୍ଷରୁ ଦିନିକିଆ ନିଯୁକ୍ତି ଶିବିର**

### ସ୍ତମ୍ଭକାର ନବଘନ ଜେନାଙ୍କ ସ୍ତ୍ରୀଙ୍କ ପରଲୋକ

**ଧର୍ମଶାଳା,୩୦।୧୨(ଡିଏନଏ)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ସ୍ତମ୍ଭକାର ଓ ବିଶିଷ୍ଟ ଲେଖକ ନବଘନ ଜେନାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଜେନାଙ୍କର ୭୫ ବର୍ଷ ବୟସରେ ସୋମବାର ହୃଦଘାତ ଯୋଗୁ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସୋମବାର ସେ ସ୍ୱାମୀଙ୍କ ନିକଟରେ ଏକ ହୁଇଲ ଚେୟାରେ ବସିଥିବାବେଳେ ହଠାତ ତାଙ୍କ ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ଓ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ। ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ପରେ ଆଇନଜୀବୀ ସନ୍ତୋଷ କୁମାର ତରାଇ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ, ପ୍ରଜ୍ଞା ପ୍ରକାଶନୀ ସଭାଧିକାରୀ ସସ୍ମିତା ଦାଶ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରି ଧର୍ମଶାଳା ହାଟ ପଡ଼ିଆ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଯାପିତ

**ଯାଜପୁର ଟାଉନ,୩୦।୧୨(ଡିଏନଏ)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ୧୧ତମ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାବନୀ ଦିବସ ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାକୁ ଶ୍ରୀଜଗନ୍ନାଥ ଗବେଷକ ଓ ନିଳାଦ୍ରୀର ସମ୍ପାଦକ ଭାସ୍କର ଚନ୍ଦ୍ର ମିଶ୍ର ଉଦ୍‌ଘାଟକଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଏହି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥିଭାବେ ଅସୀତ କୁମାର ମହାନ୍ତି ଯୋଗଦେଇ ପୁସ୍ତକ ମେଳାର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ପୁସ୍ତକମେଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବାବେଳେ ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ର ସ୍ତୋତ୍ରପାଠ କରିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ପଣ୍ଡିତ ବିନୋଦ ବିହାରୀ ନାୟକ, ସମ୍ମାନିତ ଅତିଥିଭାବେ ପୂର୍ବତନ ଉପଜିଲାପାଳ କୁମରବର ନାୟକ, କୁଳମଣୀ ଜେନା, ଶିକ୍ଷାବିତ୍ ଦଶରଥ ସାମଲ, ହରିଶ୍ଚନ୍ଦ୍ର ପଣ୍ଡା, ପୂଜ୍ୟପୂଜା ପରିଷଦ ଅଧକ୍ଷ ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଲେଖକ ରବି ଶତପଥୀଙ୍କ ରଚିତ ଓଡ଼ିଆ ପତ୍ରିକା 'ଅତୀତ ଓ ବର୍ତ୍ତମାନର ଓଡ଼ିଶା' ଓ ହିନ୍ଦୀ ପତ୍ରିକା 'ଭାଷା କିରଣ' ମଞ୍ଚାସୀନ ଅତିଥିମାନେ ଲୋକାର୍ପିତ କରିଥିଲେ। ଇଣ୍ଟାକ୍ ମଧୁସୂଦନ ଜେନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମୁକ୍ତ କ୍ୱିଜ୍ ପ୍ରତିଯୋଗିତା କରାଯାଇଥିଲା। ଏହି ପୁସ୍ତକ ମେଳାକୁ ଆଦିତ୍ୟ ମହାନ୍ତି, ହୃଶିକେଷ ପତି, ପାଣ୍ଡବ ସାହୁ, ବିଭୂତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ପୁସ୍ତକମେଳା ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।।

**ଧର୍ମଶାଳା ବାଣୀପୀଠ ୧୯୯୪ ବ୍ୟାଚର ରୌପ୍ୟ ଜୟନ୍ତୀ**

# 'ପୁରାତନ ଛାତ୍ର, ଶିକ୍ଷକ ଅନୁଷ୍ଠାନର ସମ୍ପତ୍ତି'

**ଧର୍ମଶାଳା,୩୦।୧୨(ଡିଏନଏ)**

ଧର୍ମଶାଳା ବାଣୀପୀଠ ୧୯୯୪ ମାଟ୍ରିକ ବ୍ୟାଚର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଶାଳା ବାଣୀପୀଠ ପରିସରରେ ଗୁରୁପୂଜନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଶିକ୍ଷକ ଉଗ୍ରେସନ ବଳ, ଶୁକଦେବ ପତି, ନାରାୟଣ ଦତ୍ତ, ନାରାୟଣ କବି, ଦେବେନ୍ଦ୍ରନାଥ ଦାଶ, ଗଣେଶ୍ୱର ପରିଡା, ଅରୁଣ ରଞ୍ଜନ ପାଢୀ, ମଧୁରମୁରଲୀ ଦାଶ, କେଶବ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ସୟଦ ଅନସୁର ରହମାନ ଶିକ୍ଷୟିତ୍ରୀ ଇନ୍ଦିରା ଦାସ ଓ ଅଣଶିକ୍ଷକ ବଟକୃଷ୍ଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କୁ ଛାତ୍ରୀଛାତ୍ରମାନେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ସମ୍ବର୍ଦ୍ଧନା ଉତ୍ତରରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ୨୫ବର୍ଷ ପରେ ଛାତ୍ରୀଛାତ୍ରମାନେ ସେମାନଙ୍କୁ ମନେ ପକାଇ ପାରିଛନ୍ତି ଓ ଏତାଦୃଶ ଗୁରୁ ପୂଜନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ଓ ଶିକ୍ଷକ ଅନୁଷ୍ଠାନର ସମ୍ପତ୍ତି ବୋଲି ବକ୍ତବ୍ୟ କହିଥିଲେ। ଛାତ୍ରୀଛାତ୍ରୀମାନେ ମଧ ସେ ସମୟର ଗୁରୁମାନଙ୍କ ଶିକ୍ଷାଦାନ ପଦ୍ଧତି ଓ ଅନୁଶାସନ ସମ୍ପର୍କରେ ସଭାରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା ଓ ସମୂହ ପ୍ରାର୍ଥନା 'ଆହେ ଦୟା ମୟା ବିଶ୍ୱ ବିହାରୀ' ଗାନ କରିବା ସହ ଗୁରୁଙ୍କୁ ପ୍ରଣାମ କରି ଆର୍ଶିବାଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଚର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ର ଅରୁଣ ଷଡଙ୍ଗୀଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।

### ଧନେଶ୍ୱର ସମବାୟ ସମିତିରେ ମଣ୍ଡି ଖୋଲିଲା

**କୋରେଇ,୩୦।୧୨(ସ୍ୱ.ପ୍ର)**

ଧନେଶ୍ୱର ସମବାୟ ସମିତି ତରଫରୁ ସୋମବାର ଧାନମଣ୍ଡି ଖୋଲାଯାଇଛି। ଏହି ମଣ୍ଡିକୁ ଧନେଶ୍ୱର ପଞ୍ଚାୟତ ର ସରପଞ୍ଚ ନିର୍ମଳା ରାଉତ ନଡିଆ ବାଡେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମବାୟ ସମିତିର ସଭାପତି ବଳରାମ ରାଉତ, ସମ୍ପାଦକ ଅଖିଳ କୁମାର ଜେନା, ରାଜେନ୍ଦ୍ର କୁମାର ରାଉତ, ଦେବବ୍ରତ ମହାନ୍ତି, ଦିପକ ମହାନ୍ତି, ଆଶୁତୋଷ ମହାନ୍ତି, ଦୁର୍ଯ୍ୟୋଧନ ସେଠି, ପୂର୍ଣ୍ଣଚରଣ ପ୍ରମୁଖ ଯୋଗ ଦେଇଥିଲେ।

### ଶ୍ରମିକ ସମସ୍ୟା ସମାଧାନ ପାଇଁ ଆଲୋଚନା

**କଳିଙ୍ଗନଗର,୩୦।୧୨(ଡି.ଏନ.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳକ (ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ବକେୟା ଦରମା, ଛଟେଇ ଓ ଇନକ୍ରିମେଣ୍ଟ ନେଇ ଏକ ଆଲୋଚନା ହୋଇଥିଲା। ସୂଚନା ଥାଉକି, କର୍ମଚାରୀଙ୍କ ୬ ମାସର ବକୟା ଦରମା ଓ ଶ୍ରମିକ ଛଟେଇକୁ ବିରୋଧ କରି କଳିଙ୍ଗନଗର ମଜଦୁର ୟୁନିୟନ ନେତୃତ୍ୱରେ ଗତ ନଭେମ୍ବର ୧୮ ତାରିଖ ସକାଳ ୬ଟାରୁ ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ କାରଖାନାକୁ କୌଣସି କର୍ମଚାରୀ କିମ୍ବା ଶ୍ରମିକମାନେ ଯାତାୟାତ କରିପାରି ନ ଥିଲେ। ଏହାଦ୍ୱାରା କାରଖାନାର ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। କଳିଙ୍ଗନଗର ମଜଦୁର ୟୁନିୟନର ମୁଖ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଶ୍ରମିକଙ୍କ ଅନ୍ଦୋଳନ ନିକଟରେ ପହଞ୍ଚି କାରଖାନାର ଶ୍ରମିକଙ୍କୁ ଦରମା ଦିଆଯାଉ ନ ଥିବା ଓ ଶ୍ରମିକଙ୍କୁ ବିନା ନୋଟିସରେ ଛଟେଇ କରାଯାଉଥିବାରୁ ଶ୍ରମିକମାନେ ବହୁ ଅସୁବିଧାରେ ରହୁଥିବା କହିଥିଲେ। ଏହାର ସମାଧାନ ପାଇଁ ପ୍ରସାଶନ ପକ୍ଷରୁ ସୋମବାର କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କ କାର୍ଯ୍ୟାଳୟରେ ବୈଠକ ଡକାଯାଇଥିଲା। ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯଖପୁରା ଥାନାଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ସହକାରୀ ଶ୍ରମ ଅଧିକାରୀ ଚିତରଞ୍ଜନ ରାଉତ, ଭିସା କାରଖାନା ଡାଇରେକ୍ଟର ମନୋଜ କୁମାର ଅଗ୍ରୱାଲା, ମାନବସମ୍ବଳ ଅଧିକାରୀ ସନ୍ଦୀପ ମିଶ୍ର, ସିକ୍ୟୁରିଟି ହେଡ୍ ଚିରଞ୍ଜିବୀ ଅଗ୍ରୱାଲ, କାରଖାନା ଶ୍ରମିକ ସଂଘ ସଭାପତି ବିମଳ ପ୍ରସାଦ ଯେନା, ସମ୍ପାଦକ ପ୍ରତାପ ନାୟକ, ଦୀପକ କୁମାର ମହାନ୍ତି, ଚିନ୍ମୟ ସାମଲ, ଦେବବ୍ରତ ନାୟକ, ସତ୍ୟବ୍ରତ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବାବେଳେ ଆସନ୍ତାକାଲି ମଙ୍ଗଳବାର ସୁଦ୍ଧା ୧ମାସର ଦରମା, ଜାନୁୟାରୀରେ ଆଉ ଏକ ମାସର ଦରମା ଦିଆଯିବା ସହ କୌଣସି କର୍ମଚାରୀଙ୍କୁ ବିନା ନୋଟିସରେ ଛଟେଇ କରାଯିବ ନାହିଁ ବୋଲି ଆଲୋଚନାରେ ସ୍ଥିର ହୋଇଛି।

## ପ୍ରସୂତିଙ୍କୁ ଗାଡ଼ିରେ ବସାଇ ଖାଇବାକୁ ଚାଲିଗଲେ ଆଶାକର୍ମୀ, ଆମ୍ବୁଲାନ୍ସ ଚାଳକ

# ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**କୋରେଇ,୩୦।୧୨(ସ୍ୱ.ପ୍ର)**

ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିଲେ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ସେବା ଯୋଜନା। ପ୍ରସୂତିଙ୍କ ସୁବିଧା ତଥା ଠିକ୍ ସମୟରେ ବିନା ମୂଲ୍ୟରେ ସେମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଥିଲା ଏହି ଯୋଜନା। କିନ୍ତୁ ଏହି ସେବା ଯୋଗାଇବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅବହେଳା କରୁଥିବା ପଦାକୁ ଆସିଛି। ଯାହାକୁ ନେଇ ଗ୍ରାମର ମହିଳାମାନେ ବ୍ଲକ୍ ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। କୋରେଇ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଭାଟସୋଲପଟା ଗ୍ରାମରେ ଏହା ଦେଖିବାକୁ ମିଳିଛି। ଭାଟସୋଲପଟା ଗ୍ରାମର କାହ୍ନୁଚରଣ ମଲିକଙ୍କ ସ୍ତ୍ରୀ ଜୟନ୍ତୀଙ୍କର ପ୍ରସୂତୀକାଳୀନ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବା ପାଇଁ ୧୦୨ ଜନନୀ ଏକ୍ସପ୍ରେସକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଏହାପରେ ଜନନୀ ଏକ୍ସପ୍ରେସ କାହ୍ନୁଚରଣଙ୍କ ଘରେ ସନ୍ଧ୍ୟା ୭ଟାରେ ପହଞ୍ଚି ଜୟନ୍ତିଙ୍କୁ ସାଙ୍ଗରେ ନେବା ସହ ଆଶାକର୍ମୀଙ୍କୁ ଡାକିଥିଲେ। ହେଲେ ଆଶାକର୍ମୀ ଘରେ ରୋଷେଇ କରୁଥିବାର ଆଳ ଦେଖାଇ ଯାଇ ନ ଥିବାବେଳେ ୧୦୨ର ଚାଳକଙ୍କୁ ମଧ ଘରକୁ ଖାଇବାକୁ ଡାକି ନେଇଥିଲେ। ଫଳରେ ଚାଳକ ଆଶାକର୍ମୀଙ୍କ ଘରେ ବସିଥିବାବେଳେ ସନ୍ଧ୍ୟା ୭ରୁ ୯ଟା ୩୦ ପର୍ଯ୍ୟନ୍ତ ଦୀର୍ଘ ଅଢେଇ ଘଣ୍ଟା କାଳ ଜୟନ୍ତୀ ଗାଡ଼ି ଭିତରେ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏପରିକି ଜୟନ୍ତୀଙ୍କ ପରିବାର ଲୋକେ ତାଙ୍କୁ ମେଡିକାଲରେ ଶୀଘ୍ର ପହଞ୍ଚାଇବା ପାଇଁ ଆଶାକର୍ମୀ ଓ ଚାଳକଙ୍କୁ କାକୁତିମିନତି ହୋଇଥିଲେ ମଧ ଖାଇବା ନ ସରିଲେ ଯାଇପାରିବେ ନାହିଁ ରୋକଠୋକ୍ ମନା କରିଥିଲେ ଉଭୟ। ପରେ ରାତି ପାଖାପାଖି ୧୦ଟାବେଳେ ଜୟନ୍ତୀଙ୍କ ପରିବାର ଲୋକଙ୍କୁ ସାଙ୍ଗରେ ନ ନେଇ ଉଭୟ ଜୟନ୍ତୀଙ୍କୁ ନେଇ ମେଡିକାଲ ଚାଲି ଯାଇଥିଲେ। ପରେ ପରିବାର ଲୋକେ ମୋଟର ସାଇକେଲରେ ମେଡିକାଲରେ ପହଞ୍ଚିଥିବା ବେଳେ ଜୟନ୍ତୀଙ୍କ ସ୍ୱାସ୍ଥ୍ୟବସ୍ଥା ସାଂଘାତିକ ହୋଇପଡିଥିଲା। ଯାହାକୁ ନେଇ ପରିବାର ଲୋକେ କ୍ଷୁବ୍ଧ ହେବା ସହିତ ଏନେଇ ଗ୍ରାମର ଅନ୍ୟ କିଛି ମହିଳା ଓ ଜୟନ୍ତୀଙ୍କ ପରିବାର ଲୋକ କୋରେଇ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ହିମାଂଶୁ ଲାଲଙ୍କ ନିକଟରେ ଫେରାଦ ହୋଇଛନ୍ତି। ତେବେ ଏପରି ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଚାଳକ ଓ ଆଶାକର୍ମୀଙ୍କ ଏପରି ଦାୟିତ୍ୱହୀନତା କୋରେଇ ବ୍ଲକରେ ସ୍ୱାସ୍ଥ୍ୟ ସେବାକୁ ପଦାରେ ପକାଇଛି। ଉଭୟଙ୍କ ଏପରି କର୍ତ୍ତବ୍ୟରେ ଅବହେଳାକୁ ନେଇ ଉଭୟ ମା' ଓ ଗର୍ଭସ୍ଥ ଶିଶୁର ଜୀବନ ପ୍ରତି ମଧ ବିପଦ ସମ୍ଭାବନା ସୃଷ୍ଟି ହୋଇଛି। କେବଳ ଏହି ଘଟଣା ନୁହେଁ କିଛିଦିନ ତଳେ କୋରେଇ ବ୍ଲକ୍ ସାଦକପୁର ପଞ୍ଚାୟତରେ ମଧ ଜଣେ କାର୍ଯ୍ୟରତ ଆମ୍ବୁଲାନ୍ସ ଚାଳକ ନିଜ ପୁଅକୁ ଗାଡି ଶିଖିବାକୁ ଦେଇଥିବାବେଳେ ଆମ୍ବୁଲାନ୍ସଟି ପୋଖରୀରେ ବୁଡି ଯାଇଥିଲା। ଯାହାକୁ ନେଇ ପରେ ଦମକଳବାହିନୀ ଗାଡିକୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଡ୍ରାଇଭରଙ୍କୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ରବିବାରର ଘଟଣା ବିଷୟରେ ନ୍ୟାୟ ଭିକ୍ଷା କରି କାହ୍ନୁ ମଲିକ ଓ ଗ୍ରାମର ଅନ୍ୟ କିଛି ମହିଳାମାନେ ଉଭୟଙ୍କ ବିରୋଧରେ କଡା ପଦକ୍ଷେପ ଗ୍ରହଣ କରିବା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକଙ୍କ ସମେତ ଜିଲା ସ୍ୱାସ୍ଥ୍ୟଧିକାରୀଙ୍କ ନିକଟରେ ମଧ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଆଶାକର୍ମୀଙ୍କ ମତ ମିଳିପାରି ନାହିଁ।



## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ : ୨ଗିରଫ

ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)- ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଇଲାକାରେ ନିଶାଦ୍ରବ୍ୟର ଅବାଧ କାରବାର ହେଉଥିବା ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହେବା ପରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସୋମବାର ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇଥିଲା । ଖଣ୍ଡପଡ଼ା ନିକଟସ୍ଥ ବରପଲ୍ଲୀ ଗ୍ରାମରୁ ଅବକାରୀ କର୍ମଚାରୀମାନେ ୨୦ ଲିଟର ଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ପ୍ରଭାତ କୁମାର ସାହୁଙ୍କୁ ଗିରଫ କରିଥିଲେ । ସେହିପରି ଫତେଗଡ଼ ଥାନା ଭାପୁର ବ୍ଲକ ଅଧୀନ ଟିକିରିପଡ଼ା ଗ୍ରାମରେ କର୍ମଚାରୀମାନେ ଚଢ଼ାଉ କରି ସନ୍ତୋଷ କୁମାର ଭୋଳଙ୍କ ଘରୁ ୧୦ ଲିଟର ଦେଶୀ ମଦ ଓ ୫.୪ ଲିଟର ବିଦେଶୀ ମଦ ଜବତ କରିବାସହ ତାଙ୍କୁ ଗିରଫ କରିଥିଲେ । ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଅବକାରୀ ଇନ୍ସପେକ୍ଟର ଧନଞ୍ଜୟ ପାତ୍ରଙ୍କ ସମେତ କିଶୋର ଚନ୍ଦ୍ର ରାଉତ, ଥବୀର କୁମାର ପଟ୍ଟନାୟକ, ରଞ୍ଜନ କୁମାର ପାତ୍ର, ଅର୍ଚ୍ଚନାବାଳା ନାୟକ ପ୍ରମୁଖ ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ ।

### ନୂତନ ବର୍ଷକୁ ସ୍ୱାଗତ ଅବସରରେ ବୃକ୍ଷରୋପଣ

ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)- ଆମ ଚାରିପାଖରୁ କ୍ରମଶଃ ଗଛଲତା, ବଣ ପାହାଡ, ସବୁ ଧ୍ୱଂସ ପାଇବା ସହ ବନ୍ୟ ପଶୁପକ୍ଷୀ ଲୋପ ପାଇ ଯାଉଛନ୍ତି। ଏହି ବିପର୍ଯ୍ୟୟ ମାନବ ସମାଜ ପ୍ରତି ନାନା ଦାରୁଣ ଦୁଃଖ ଦେଉଛି । ତଥାପି ଆମେ ପରିବେଶ ସୁରକ୍ଷା ପ୍ରତି ଉଚିତ ଦୃଷ୍ଟି ଦେଉନାହେଁ । କେତେକ ପରିବେଶବିତ୍ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷାକୁ ଜୀବନର ପରମ ବ୍ରତ ରୂପେ ଗ୍ରହଣ କରିଛନ୍ତି । ସେହିପରି ନୟାଗଡ଼ ଜିଲା ଅନ୍ତର୍ଗତ କର୍ଣ୍ଣିଲୋ ଗ୍ରାମର ଗଛସାର ଭାବରେ ପରିଚିତ ୭୪ ବର୍ଷୀୟ ଅନ୍ତର୍ଯାମୀ ସାହୁ ଏକ ଅଭିନବ ଉପାୟରେ ଗ୍ରାମର କିଛି ଛାତ୍ରୀଛାତ୍ର ଓ ଯୁବକମାନଙ୍କୁ ନେଇ ୨୦୧୯ ନୂତନ ବର୍ଷକୁ ସ୍ୱାଗତ କରୁଥିବା ପରିଲକ୍ଷିତ ହୋଇଛି । ଗ୍ରାମ ନିକଟସ୍ଥ ଶ୍ମଶାନଚଣ୍ଡୀ ପୀଠ ଓ ଆଖପାଖ ଅଞ୍ଚଳରେ ଫଳପ୍ରଦ ଏବଂ ଛାୟାପ୍ରଦାନକାରୀ ଆମ୍ବ, ନାଗଚମ୍ପା ଆଦି ବୃକ୍ଷ ରୋପଣ କରି ସୁରକ୍ଷା ପ୍ରଦାନ କରିବାକୁ ଶପଥ ନେଇଛନ୍ତି । କାର୍ଯ୍ୟକ୍ରମରେ ବୃକ୍ଷଲତାର ସୁରକ୍ଷା ଦାୟିତ୍ୱରେ ଥିବା ସେବକ ବୈକୁଣ୍ଠନାଥ ରାଉତ, ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନା କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

# ପିଲାଙ୍କୁ ପ୍ରକୃତିକୁ ଦେଖିବାକୁ ଦିଅନ୍ତୁ: ରାଜ୍ୟପାଳ

ନୟାଗଡ଼ ଅଫିସ, ୩୦।୧୨



ରଜତ ଜୟନ୍ତୀ ଉତ୍ସବରେ (ବାମରୁ) ଏସ୍‌ପି ଶଶିଭୂଷଣ ଶତପଥୀ, ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲାପାଳ ଡା. ପୋମା ଟୁଡୁ, ସ୍ୱାମୀ ସମର୍ପଣାନନ୍ଦ ଗିରି ମହାରାଜ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ବିଦ୍ୟାମନ୍ଦିରର ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର , ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ।

ପିଲାମାନେ ହେଉଛନ୍ତି ବିରାଟ ବିସ୍ମୟର ରହସ୍ୟ। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପ୍ରକୃତିକୁ ଦେଖିବାକୁ ଦିଅନ୍ତୁ। ମଞ୍ଜିରୁ କିପରି ଚାରା ହେଉଛି, ସିଂହ କିପରି ଗର୍ଜନ କରୁଛି, ଚଢ଼େଇ କିପରି ଉଡୁଛି ତାଙ୍କୁ ଦେଖିବାକୁ ସୁଯୋଗ ଦିଆଯାଉ। ଦୁନିଆରେ କେତେ ଆଶ୍ଚର୍ଯ୍ୟ ଘଟଣା ଘଟୁଛି, ଦେଖିଲେ ସିଏ ଜାଣିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି। ସୋମବାର ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ରଜତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟପାଳ ଅଭିଭାବକମାନଙ୍କୁ ପରାମର୍ଶ ଦେବା ସହ ସୂର୍ଯ୍ୟ ଭଳି ଚମକିବାକୁ ଚାହୁଁଥିଲେ ସୂର୍ଯ୍ୟ ଭଳି ଜଳିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ସମସ୍ତଙ୍କୁ ସ୍ୱୀକାର କରି ସମସ୍ତଙ୍କୁ ଭଲ ପାଅ ବୋଲି ରାଜ୍ୟପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ସାଙ୍ଗରେ ଫୁଲ ନେଇ ଚାଲନ୍ତୁ , ଫୁଲରେ ସୁଗନ୍ଧ ଥାଏ । ଯିଏ ଜାତି, ଧର୍ମ, ବର୍ଣ୍ଣ, ଦୁର୍ନୀତି , ସ୍ୱଚ୍ଛତା, ରାଜନୀତି, କୁଟନୀତିକୁ ଜାଣେ ନାହିଁ। ସେ ଜାଣେ ନାହିଁ ମୃତ ଓ ଜୀବିତ ବ୍ୟକ୍ତି ମଧ୍ୟରେ ଫରକ। ତଥାପି ସେ ସମସ୍ତଙ୍କୁ ସୁଗନ୍ଧରେ ଭରିଦିଏ, ଭାରତର ପ୍ରତ୍ୟେକ ବ୍ୟକ୍ତି ସାଙ୍ଗରେ ଫୁଲ ନେଇ ଚାଲନ୍ତୁ ଓ ବିଶ୍ୱକୁ ସୁଗନ୍ଧରେ ଭରିଦିଅନ୍ତୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସେ ଆହୁରିମଧ୍ୟ କହିଥିଲେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ଚିହ୍ନନ୍ତୁ। ସେ ଯାହା ଚାହିଁବ ତାହା କରିପାରିବ ସେ ବିଶ୍ୱାସ ତାଙ୍କ ମନରେ ଭରିଦିଅନ୍ତୁ। ମାତା ପିତା, ଶିକ୍ଷକ ପିଲାମାନଙ୍କ ଭିତରେ ପରମାତ୍ମାଙ୍କୁ ଖୋଜି ପାଆନ୍ତୁ ବୋଲି ରାଜ୍ୟପାଳ କହିଥିଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଜ୍ଞାନ ମିଶନର ସ୍ୱାମୀ ସମର୍ପଣାନନ୍ଦ ଗିରି ମହାରାଜ ଯୋଗ ଦେଇ ଅଭିଭାକମାନେ ସେମାନଙ୍କ ପୁଅ ଝିଅକୁ କୋଣାର୍କ ମନ୍ଦିର ଭାବେ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ମାଟ୍ରିକ ଫଳାଫଳ ପ୍ରକାଶ ପାଉଥିବା ସମୟରେ ଉକ୍ତ ଅନୁଷ୍ଠାନ ରାଜ୍ୟର ୧୦ଟି ସ୍ଥାନରେ ସାମିଲ ହୋଇଥିବାରୁ ଏହା ଜିଲା ପାଇଁ ଗର୍ବ ଆଣୁଥିବା ପ୍ରକାଶ କରିଥିଲେ। ଜିଲାର ସାକ୍ଷରତା ହାର ଆଗକୁ ନେବାରେ ଅନୁଷ୍ଠାନର ଅବଦାନ ଥିବା ନେଇ ପ୍ରକାଶ କରିଥିଲେ। ନୟାଗଡ଼ ଜିଲାପାଳ ଡା. ପୋମା ଟୁଡୁ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ଶିକ୍ଷା ପିଲାଙ୍କ ଚରିତ୍ରରେ ସହଯୋଗ ହେଉ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ପି ଶଶିଭୂଷଣ ଶତପଥୀ, କମିଟିର ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟପାଳ ବିଦ୍ୟାଳୟକୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନରେ ଓଡ଼ଗାଁର ରାକେଶ ଜେନାଙ୍କୁ ସ୍ୱର୍ଣ୍ଣ ପଦକ

ଓଡ଼ଗାଁ, ୩୦।୧୨(ସ୍ୱ.ପ୍ର.)

ରବିବାର ବ୍ରହ୍ମପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ଗାଁ ନିକଟସ୍ଥ ଗୋଡିପାଟଣା ଗ୍ରାମର ରାକେଶ କୁମାର ଜେନା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ରାକେଶ ସ୍ନାଚ, କ୍ଲିନ୍ ଆଣ୍ଡ ଜର୍କରେ ଅଂଶ ଗ୍ରହଣ କରିଥିଲେ । ସ୍ନାଚରେ ୧୨୫ କେଜି ଏବଂ କ୍ଲିନ ଆଣ୍ଡ ଜର୍କରେ ୧୫୫ କେଜିରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ୯୬ କେଜି ପୁରୁଷ ସିନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜଣାଯାଇଛି । ଆଗାମୀ ଦିନରେ ସେ ରାଜ୍ୟ ତଥା ଅନ୍ତଃରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ନିଜକୁ ପ୍ରସ୍ତୁତ କରୁଥିବା ପ୍ରକାଶ କରିଛନ୍ତି । ରାକେଶଙ୍କ ସଫଳତାରେ ଓଡ଼ଗାଁ କ୍ରୀଡା ବିକାଶ ସଂଘ ଓ ଟାଏକୋଣ୍ଡୋ ଏକାଡେମୀ ତରଫରୁ ଅଭିନନ୍ଦନ ଜଣାଇଛନ୍ତି ।




ସ୍ୱର୍ଣ୍ଣପଦକ ବିଜୟୀ ରାକେଶ ।

## ୨୫ରେ ଜାତୀୟ ମତଦାତା ଦିବସ

ପୁରୀ ଅଫିସ, ୩୦।୧୨

ଆସନ୍ତା ଜାନୁୟାରୀ ୨୫ରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ କରାଯିବ। ଏ ନେଇ ସୋମବାର ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ସିଂହଦ୍ୱାରରୁ ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିବ। ଏଥିରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ମତଦାନ ଓ ଭୋଟଦାତା ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବେ। ଏହାପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ସଭା ହେବାସହ ଗଣତନ୍ତ୍ରର ଭୋଟର ଭାଗିଦାରିତା ବିଷୟବସ୍ତୁ ଉପରେ ଆଲୋଚନା କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଇକି ଟିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ୍ୟ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଗୋପାଳପୁର ଫୁଟବଲ ମ୍ୟାଚ ଉଦ୍‌ଯାପିତ

# ଶରଧାପୁରକୁ ହରାଇ ଗୋପାଳପୁର ବିଜୟୀ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

ରଣପୁର, ୩୦।୧୨ (ସ୍ୱ.ପ୍ର.)

ରଣପୁର ନିକଟସ୍ଥ ଗୋପାଳପୁରରେ ଚଳିତ ମାସ ୨୨ ତାରିଖରୁ ଚାଲିଥିବା ଫୁଟବଲ ମ୍ୟାଚ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଶରତ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଭିକ୍ଷାକାରୀ ମିଶ୍ର ଓ ପ୍ରଫୁଲ୍ଲ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ ଗୋପାଳପୁର ଓ ଶରଧାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ଶରଧାପୁରକୁ ୩ -୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଶିକ୍ଷକ ନେତା ଜ୍ୟୋତିରଞ୍ଜନ ଦାସ ମଞ୍ଚ ପରିଚାଳନା କରିବା ସହିତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ବିଜୟୀ ଦଳର ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ରଞ୍ଜନ ଦାସ, ସଦାଶିବ ନନ୍ଦଙ୍କ ସହିତ ସ୍ପୋର୍ଟସ୍ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳରେ ସହଯୋଗ କରିଥିଲେ ।

## ଯୋଗୀଯୋଗିଆଣୀ ପୀଠରେ ସାଧୁମେଳା ୧ରୁ

ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧପୀଠ ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତସ୍ଥିତ ଯୋଗୀଯୋଗିଆଣୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜାନୁୟାରୀ ୧ ତାରିଖରେ ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ମେଳାରେ ସହଯୋଗ କରୁଥିବା ୨୧ଖଣ୍ଡ ଗ୍ରାମବାସୀ ମେଳାକୁ ଅଧିକ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥଙ୍କ ସମାଗମ ହେଉଥିବାରୁ ଏଥିନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ପ୍ରକାଶ ।

ପ୍ରକାଶଥାଉ କି, ଯୋଗୀଯୋଗିଆଣୀ ବୌଦ୍ଧ ପୀଠକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପରିବେଶ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବା ପରେ ବୌଦ୍ଧ ପୀଠର ଭିତ୍ତିଭୂମିର ବିକାଶ ଦିଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଭାଗ ପକ୍ଷରୁ ଚାଲୁ ରହିଛି। ପର୍ଯ୍ୟଟକମାନଙ୍କ ହିତକୁ ଦୃଷ୍ଟିରେ ରଖି ଉକ୍ତ ପୀଠ ପରିସରରେ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଖଣ୍ଡପଡ଼ା ଥାନା ଓ କୋସକା ଫାଣ୍ଡି ସୂତ୍ରରୁ ଜଣାପଡିଛି ।

## କ୍ରିକେଟ ଟୁର୍ନାମେଣ୍ଟ: ଦଶପଲ୍ଲା ଚାମ୍ପିୟନ



ଅତିଥିଙ୍କ ଗହଣରେ ରନର୍ସଅପ୍ ଓ ଚାମ୍ପିୟନ ଦଳର ଖେଳାଳିମାନେ।

ଦଶପଲ୍ଲା,୩୦।୧୨(ଡି.ଏନ.ଏ.)

ଦଶପଲ୍ଲା ବ୍ଲକର ଟାକେରା ଠାରେ ୱାଇୟୁସି କ୍ଲବ ଟାକେରା ତରଫରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଉପାଧ୍ୟକ୍ଷ ବସନ୍ତ ସାହୁ, ତହସିଲଦାର ପ୍ରମୋଦ କୁମାର ଦଳବେହେରା, ବିଡିଓ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ଖେଳ ଆରସିସି ଦଶପଲ୍ଲା ଏବଂ ଏଫ୍‌ସିସି ମଧ୍ୟଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୪୫ ରନ କରିଥିଲା। ଏହାର ଜବାବରେ ମଧ୍ୟଖଣ୍ଡ ଦଳ ୧୧୧ ରନ କରି ପରାଜିତ ହୋଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ନାୟକ ଏବଂ ସମିତିସଭ୍ୟ ପ୍ରମୁଖ ଯୋଗଦେଇ ଦଶପଲ୍ଲା ଦଳକୁ ଚାମ୍ପିୟନ ଓ ମଧ୍ୟଖଣ୍ଡ ଦଳକୁ ରନ୍‌ସ କପ୍ ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟ ୭ ଦିନ ଧରି ସେଠାରେ ଚାଲିଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ / ପ୍ରପର୍ଟି ଋଣ / ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ / ପର୍ସନାଲ ଋଣ / ବ୍ୟବସାୟ ଋଣ / ଆଦି ସବୁ ଋଣ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1994ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୧ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୩୦।୧୨:** ଜିଲାରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଜିଲାର ଆଶଙ୍କା ପ୍ରବଣ କାରଖାନାର ପ୍ରତିନିଧିମାନେ ଯୋଗଦେଇଥିଲେ। ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକ ଆରମ୍ଭରେ କାରଖାନା ଓ ବାଷ୍ପିତ୍ର(ବଏଲର) ବିଭାଗର ଭୁବନେଶ୍ୱର ମଣ୍ଡଳ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଜିଲାର କାରଖାନାଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହ ନିର୍ଦ୍ଦେଶିକା ଇଂ. ଅର୍ଚ୍ଚନା ଦାଶ ଆଶଙ୍କା ପ୍ରବଣ ଦ୍ରବ୍ୟମାନଙ୍କର ସବିଶେଷ ବିବରଣୀ ରଖିଥିଲେ। ଜିଲାରେ ଥିବା କାରଖାନାଗୁଡ଼ିକରେ ପ୍ରତି ମାସରେ ମକ୍‌ଡ୍ରିଲ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏ ନେଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବ। ଜିଲାରେ ଏ ସଂକ୍ରାନ୍ତୀୟ ନୂତନ କମିଟି ମଧ ଗଠନ କରାଯିବ। ବୈଠକରେ ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ ସ୍ୱାଇଁ, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ, ସହ ଅଗ୍ନିଶମ ଅଧିକାରୀ ପ୍ରଦୀପ ରାଉତ, ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ପ୍ରମୁଖ ଅନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

### ଜାଲ୍ ପ୍ରମାଣପତ୍ରରେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ,୩୦।୧୨ :** ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ମାସିକ ସାଧାରଣ ବୈଠକ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱରେ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଚାକିରିରୁ ଅବସରଗ୍ରହଣ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ପେନ୍‌ସେନ ପ୍ରଦାନ ଲାଗି ସରକାରଙ୍କ ନିର୍ଦ୍ଦେଶସତ୍ତ୍ୱେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବହେଳା କରାଯାଉଥିବା ନେଇ ବହୁ ସଦସ୍ୟ ଅଭିଯୋଗ କରିଥିଲେ। ଏଥିରେ ଅବହେଳା କରିଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ଅବସରପ୍ରାପ୍ତ ପୌର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଅପରପକ୍ଷେ ଜାଲ ପ୍ରମାଣପତ୍ରରେ ଜିଲାରେ ଶିକ୍ଷାକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ସଂଘର ବରିଷ୍ଠ ସଭ୍ୟଙ୍କ ବିୟୋଗରେ ଶୋକ କରାଯାଇଥିଲା। ଏଥିରେ ଆଶାଲତା ପ୍ରଧାନ, ସଦାଶିବ ସ୍ୱାଇଁ, ଲକ୍ଷ୍ମୀଧର ଦାସ, ସନ୍ତୋଷ ମହାନ୍ତି, କାହ୍ନୁଚରଣ ପ୍ରଧାନ, ସୁବାସ ଚନ୍ଦ୍ର ପାଲ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଗଣେଶ୍ୱର ମହାପାତ୍ର, ରମେଶ ଚନ୍ଦ୍ର ବଳିୟାର ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ସୁନାମୁହିଁ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼

**ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)**

୨୦୨୦ ନୂତନ ବର୍ଷକୁ ସ୍ୱାଗତ କରିବା ପୂର୍ବରୁ ୨୦୧୯ ବର୍ଷର ଶେଷ ଦିନ ଅବସରରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ା ସୁନାମୁହିଁ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ଓ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପୀଠକୁ ବହୁ ସଂଖ୍ୟାରେ ଆସୁଥିବା ଦେଖିବାକୁ ମିଳିଛି। ବିଶେଷକରି ପ୍ରାକୃତିକ ପରିବେଶ ମଧ୍ୟରେ ଖଣ୍ଡପଡ଼ା ସହରାଞ୍ଚଳ ଠାରୁ ଅଳ୍ପ ଦୂରରେ ଥିବା ସୁନାମୁହିଁ ପର୍ଯ୍ୟଟନ କେନ୍ଦ୍ରରେ ସୋମବାର ପ୍ରବଳ ଗହଳି ସହ ପର୍ଯ୍ୟଟକମାନେ ତମ୍ବୁ ଟାଣି ବଣଭୋଜି କରୁଥିବା ଦେଖିବାକୁ ମିଳିଛି । ନୟାଗଡ଼-ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ରହିଥିବା ମନଲୋଭା ସୁନାମୁହିଁ ପର୍ଯ୍ୟଟନସ୍ଥଳ ପାହାଡ଼ ଓ



ସୁନାମୁହିଁ ପର୍ଯ୍ୟଟନ ସ୍ଥଳ ।

ପ୍ରୋଜେକ୍ଟ ମଧ୍ୟରେ ଥିବାରୁ ଏହାର ମନଲୋଭା ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ନୂଆ ବର୍ଷର ଅବ୍ୟବହିତ ଅବସରରେ ସୁନାମୁହିଁ ପର୍ଯ୍ୟଟନ ସ୍ଥଳକୁ ବଣଭୋଜି ଲକ୍ଷ୍ୟରେ ପର୍ଯ୍ୟଟକମାନେ ଆସି ଏହାର ମଜା ଉଠାଉଛନ୍ତି । ସେହିପରି ନୀଳମାଧବ ପୀଠ କଣ୍ଟିଲୋ ଓ ମହାନଦୀ କୂଳରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗୋକୁଳାନନ୍ଦ ପୀଠ ସିଧାମୂଳାକୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିବା ଦେଖାଯାଇଥିଲା । ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀ ନୀଳମାଧବଜୀଉଙ୍କୁ ପର୍ଯ୍ୟଟକମାନେ ଦର୍ଶନ କରି ବଣଭୋଜି କରିବା ପାଇଁ ନିକଟସ୍ଥ ନାରାୟଣୀ ପୀଠରେ ସମାଗମ ହୋଇଥାନ୍ତି। ସେହିଭଳି ବଣଭୋଜି ପାଇଁ ସିଧାମୂଳାସ୍ଥ ଗୋକୁଳାନନ୍ଦ ପୀଠ ଓ ହନୁମନ୍ତପ୍ରସାଦ ଶ୍ରୀରଘୁନାଥ ଆଶ୍ରମରେ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିବା ବେଳେ ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି। ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ବଣଭୋଜିର ମଜା ଉଠାଇଥିଲେ ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ

# ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ



କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନେ।

**ରଣପୁର, ୩୦।୧୨(ସ୍ୱ.ପ୍ର.)**

ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ବଳିଦାନ ଦେଇଥିବା ନୟାଗଡ ଜିଲା ରଣପୁରର ସ୍ୱାଧୀନତା ସଂଗ୍ରାମୀ ବୀର ଷଡଙ୍ଗୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ରଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ମୋଟ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ରଣପୁର ଓ ପାଟଣା ମଧ୍ୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଇଟାମାଟି ଓ ବମ୍ଭଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ରାଉଣ୍ଡରେ ବାମ୍ଭଡ଼ାକୁ ପରାସ୍ତ କରି ଇଟାମାଟି ବିଜୟ ଲାଭ କରିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ରଣପୁର ବ୍ଲକ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ବୀର ଷଡଙ୍ଗୀଙ୍କ ନାତି ବରିଷ୍ଠ ଆଇନଜୀବୀ ସୁରେଶ ମିଶ୍ର, ରାଜ କିଶୋର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଜୟ ଲାଭ କରିଥିବା ଦଳର ଖେଳାଳିମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।

# ରତ୍ନଭଣ୍ଡାର ଖୋଲିବାକୁ ଦାବିକଲା ଯୁବ କଂଗ୍ରେସ

**ପୁରୀ ଅଫିସ, ୩୦।୧୨**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବାକୁ ଦାବି କରିଛି ପୁରୀ ଲୋକସଭା ଯୁବ କଂଗ୍ରେସ। ଏ ସଂକ୍ରାନ୍ତରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ଏଥିରେ ଦର୍ଶାଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ପ୍ରତି ୩ ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଧନରତ୍ନ ତନଖି କରିବା ଏବଂ ପୂର୍ବ ବିବରଣୀ ସହିତ ମେଳକ କରିବା କଥା । କିନ୍ତୁ ଦୀର୍ଘବର୍ଷ ହେଲାଣି ଏହା ଖୋଲାଯାଇ ନ ଥିବାବେଳେ ରତ୍ନଭଣ୍ଡାର ଚାବି ହଜିବା ଏବଂ ପରେ ନାଟକୀୟ ଢଙ୍ଗରେ ନକଲି ଚାବି ମିଳିବା ଘଟଣା ଏହାକୁ ଅଧିକ ରହସ୍ୟମୟ କରିଛି । ସେହିପରି ଚାବି ହଜିବା ଘଟଣା ପାଇଁ ରାଜ୍ୟ ସରକାର ତଦନ୍ତ କମିଶନ ଗଠନ କଲେ । ଏ ବାବଦରେ ପ୍ରାୟ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ବି ହେଲା । ତଦନ୍ତ କମିଶନ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ମଧ ଏହାକୁ ଏ ପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ । ବିଧାନସଭାରେ ଆଇନ ମନ୍ତ୍ରୀ ରତ୍ନଭଣ୍ଡାର ଏବେ ଖୋଲାଯିବାର ପ୍ରସ୍ତାବ ନାହିଁ କହିବା ପରେ ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ସନ୍ଦେହ ଅଧିକ ଦୃଢୀଭୂତ ହୋଇଛି । ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ମଧ ଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ତାଲିକା ଦାଖଲ କରିବାକୁ କହିଛନ୍ତି । ତେଣୁ ଏହା ପୂର୍ବରୁ ରତ୍ନଭଣ୍ଡାର ଖୋଲି ରତ୍ନଅଳଙ୍କାର ତନଖି କରିବାକୁ ଯୁବ କଂଗ୍ରେସ ଦାବିପତ୍ରରେ ଉଲ୍ଲେଖ କରିଛି । ଏଥିସହ ଏମାର ମଠରୁ ମିଳିଥିବା ୫୧୨ ଖଣ୍ଡ ରୁପା ଇଟା ରତ୍ନଭଣ୍ଡାରରେ ରଖାଯିବା ସହିତ ଶ୍ରୀମନ୍ଦିରର ଆୟବ୍ୟୟର ପ୍ରତିବର୍ଷର ଅଡିଟ୍ କରାଯାଇ ସମସ୍ତ ତଥ୍ୟ ସାର୍ବଜନୀନ କରିବା ଦରକାର ବୋଲି ଯୁବ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି । ନଚେତ ଆଗାମୀ ଦିନରେ ରାଜ୍ୟ ସରକାର ଅଗଣିତ ଜଗନ୍ନାଥପ୍ରେମୀଙ୍କ ଆକ୍ରୋଶର ଶିକାର ହେବେ ବୋଲି ଏଥିରେ ଚେତାବନୀ ଦିଆଯାଇଛି । ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ବୀରେନ୍ଦ୍ର ଭୂଷଣ ହୋତା, ସୌରଭ ରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଚେତନ ମିଶ୍ର, ଅମିୟ ମହାପାତ୍ର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

### ସଭାରୁ ଉଠି ଥାନା ଆଗରେ ବିଷ ପିଇଲେ ବୃଦ୍ଧ

**ପୁରୀ ଅଫିସ,୩୦।୧୨**

ଚନ୍ଦନପୁର ଥାନା ପରିସରରେ ସୋମବାର ରାତିରେ ଏକ ସଭା ଚାଲିଥିଲା। ତେବେ ଅଚାନକ ଜଣେ ବୃଦ୍ଧ ସଭାରୁ ଉଠି ଥାନା ଆଗରେ ବିଷ ପିଇଦେଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଲୋକେ ଆଚମ୍ବିତ ହୋଇଯାଇଥିବାବେଳେ ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ପ୍ରଥମେ ଚନ୍ଦନପୁର ମେଡିକାଲ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସେ ହେଲେ ବୀର ପ୍ରତାପ ପୁରୁଷୋତ୍ତମପୁର ନୂଆଗାଁର ଆନନ୍ଦ ଜେନା(୬୦)।

ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀ ବୃଦ୍ଧଙ୍କ ନାମରେ ବଳାତ୍କାର ଉଦ୍ୟମ ଅଭିଯୋଗ ଆଣିଥିଲେ। ଏ ନେଇ ପୀଡ଼ିତାର ପରିବାର ଅଭିଯୋଗକ୍ରମେ ପୋଲିସ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ପରେ ଉଭୟ ପକ୍ଷରେ ମଧ୍ୟରେ ଆଲୋଚନା କରି ଆପୋସ ସମାଧାନ ଲାଗି ଥାନାଧିକାରୀ ସହ କଥାବାର୍ତ୍ତା ହୋଇଥିଲେ। ସୋମବାର ରାତି ପ୍ରାୟ ସାଢେ ୭ଟାରେ ଥାନା ପରିସରରେ ଥିବା ମଣ୍ଡପରେ ଉଭୟ ଗ୍ରାମର ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିଲା। ଏହି ଘଟଣାର ସମାଧାନ ଲାଗି ପୀଡ଼ିତାଙ୍କ ପକ୍ଷରୁ ସମ୍ପର୍କୀୟ ଓ ଗ୍ରାମବାସୀ ୫ଲକ୍ଷ ଦାବି କରିଥିଲେ। ପରେ ୨ଲକ୍ଷ ଦେବା ଲାଗି ବୃଦ୍ଧ ଜଣକ କୁଆଡ଼େ ରାଜି ହୋଇଥିଲେ ବୋଲି କୁହାଯାଉଛି। କିନ୍ତୁ ହଠାତ୍ ସେ ସଭା ଅଧାରୁ ଉଠି ଚାଲିଯାଇଥିଲେ। କିଛି ସମୟ ପରେ ବୃଦ୍ଧ ଜଣକ ଥାନା ଆଗରେ ବିଷ ପିଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପୋଲିସଙ୍କୁ ଜଣାଇବା ସହ ବୃଦ୍ଧଙ୍କୁ ହସ୍ପିଟାଲ ପଠାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ ଉଠାଇ ନ ଥିଲେ। ତେବେ ଥାନା ପରିସରରେ କିପରି ଆପୋସ ସଭା ଆୟୋଜନ ଲାଗି ପୋଲିସ ଅନୁମତି ଦେଇଥିଲା, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଜିଲାପାଳ ଡ.ପୋମା ଟୁଡୁ ଅଭିଯୋଗ ଶୁଣାଣି କରୁଛନ୍ତି।

# ଓଡ଼ଗାଁରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଓଡ଼ଗାଁ,୩୦।୧୨(ସ୍ୱ.ପ୍ର.)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ନୟାଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ.ପୋମା ଟୁଡୁ, ଏସ୍‌ପି ଶଶୀଭୂଷଣ ଶତପଥୀଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମୁଦାୟ ୫୮ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୪୬, ଗ୍ରାମ୍ୟ ସମସ୍ୟା ୦୯ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ନିମନ୍ତେ ୩ ଅଭିଯୋଗ ସାମିଲ ହୋଇଥିଲା । ଜିଲାପାଳ ୧୫ ଅଭିଯୋଗ ତୁରନ୍ତ ଫଇସଲା କରିଥିବା ବେଳେ ଜନୈକ ବ୍ୟକ୍ତିଙ୍କ ଚିକିତ୍ସା ଖର୍ଚ୍ଚ ନିମନ୍ତେ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ହେବାକୁ ବ୍ଲକ କାର୍ଯ୍ୟାଳୟ ସାମନାରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ସେମାନଙ୍କ ମଧ୍ୟରେ ବହୁ ମଧ୍ୟସ୍ଥ ତଥା ତଥାକଥିତ ଦଲାଲଙ୍କୁ ଦେଖିବାକୁ ମିଳିଥିଲା । ଏନେଇ ପ୍ରଶାସନ ପାଖରେ କୌଣସି ସୂଚନା ନଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ହାଇକୋର୍ଟ ବିଚାରପତିଙ୍କ ଓଡ଼ଗାଁ ଗସ୍ତ

# ଶ୍ରୀରଘୁନାଥଜୀଉଙ୍କ ଦର୍ଶନ ସହ ନୂତନ କୋର୍ଟ କୋଠା ପରିଦର୍ଶନ

**ଓଡ଼ଗାଁ, ୩୦।୧୨(ସ୍ୱ.ପ୍ର.)**

ଓଡ଼ିଶା ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ସୋମବାର ମଧ୍ୟାହ୍ନରେ ଓଡଗାଁ ଗସ୍ତରେ ଆସି ଶ୍ରୀରଘୁନାଥଜଜୀଉଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରୀରଘୁନାଥ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ ବିଚାରପତିଙ୍କ ଦର୍ଶନ ସମୟରେ ଉପସ୍ଥିତ ଥିଲେ। ବିଚାରପତି ରଥଙ୍କ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରେ ସ୍ୱଳ୍ପ ରହଣି ଅବସରରେ ଓଡଗାଁ ବାର ଆସୋସିଏଶନ ସଭାପତିଙ୍କ ସମେତ ସମସ୍ତ ଆଇନଜୀବୀ ଓ ଖବରଦାତା ପୃଥକ ଭାବେ ଭେଟି ସାକ୍ଷାତ ଆଲୋଚନା କରିଥିଲେ । ସେହିପରି ଜିଲାପାଳ ଡ.ପୋମା ଟୁଡୁ, ଏସପି ଶଶୀଭୂଷଣ ଶତପଥୀଙ୍କ ସମେତ ଜିଲା ତଥା ସ୍ଥାନୀୟ ଗ୍ରାମ୍ୟ ନ୍ୟାୟାଳୟ ବିଚାରପତି ଉପସ୍ଥିତ ଥିଲେ । ପରେ ବିଚାରପତି ରଥ କଲେଜ ରୋଡରେ ନିର୍ମାଣ କରାଯାଇଥିବା କୋର୍ଟ କୋଠାବାଡି ଓ ପରିସର ପରିଦର୍ଶନରେ ଯାଇଥିବା ବେଳେ ନିର୍ମାଣକାର୍ଯ୍ୟ ସମୀକ୍ଷା କରିଥିଲେ।

# ବନ୍ଧୁମିଳନରେ ୨ ସାଙ୍ଗଙ୍କ ପାଇଁ ସ୍ମୃତିସଭା


ବନ୍ଧୁମିଳନ ଉତ୍ସବରେ ସହପାଠୀ ସହପାଠିନୀଙ୍କ ସହ ପରିବାରବର୍ଗ।

**ଭାପୁର,୩୦।୧୨(ଡି.ଏନ୍.ଏ.)**

ହାଇସ୍କୁଲରେ ଅଧ୍ୟୟନ କରିବା ସମୟରେ ବଢ଼ିଥିବା ବନ୍ଧୁତା ସବୁଠାରୁ ନିଆରା। ଏହି ବନ୍ଧୁତାରେ ବନ୍ଧା ସ୍ନେହ ସମ୍ପର୍କ ଭିତରେ ୨ ବନ୍ଧୁଙ୍କ ଅସମୟରେ ବିଚ୍ଛେଦ ସମସ୍ତଙ୍କ ମନରେ ବିଷାଦ ଖେଳାଇ ଦେଇଛି। ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନେ ନିକଟସ୍ଥ ବନମାଳୀପୁର ଶିବ ମନ୍ଦିର ନିକଟରେ ନୂତନ ବର୍ଷ ପାଇଁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଛାତ୍ର ନବକିଶୋର, ବିରଞ୍ଚି, ପ୍ରଦୀପ, ଛାତ୍ରୀ ମୀନା, ମମତା ଓ ଆରତୀ, ପ୍ରତିମାଙ୍କ ଉଦ୍ୟମରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ଏକତ୍ରିତ ହୋଇଥିଲେ। ସେଠାରେ ଏହି ବ୍ୟାଚର ୨ ଜଣ ବନ୍ଧୁ ପୁରେନ୍ଦ୍ର ବିଶୋଇ ଓ କୈଳାସ ଚନ୍ଦ୍ର ପ୍ରଧାନଙ୍କ ଅକାଳ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସ୍ମୃତିସଭା କରାଯାଇଥିଲା। ପରେ ସହପାଠୀମାନେ ଛାତ୍ରଜୀବନର ସ୍ମୃତି ରୋମନ୍ଥନ କରିଥିଲେ।

# ଫନୀ ବିପନ୍ନଙ୍କୁ ବାସଗୃହ ବଣ୍ଟନ

### ବିନା ପରିଶ୍ରମରେ ସୁଯୋଗ ଖୋଜିବା ମାନସିକ ରୋଗ

**ପୁରୀ ଅଫିସ, ୩୦।୧୨**

ବାତ୍ୟା ଫନୀରେ ବେଘର ହୋଇଯାଇଥିବା ୭୨ଟି ପରିବାରକୁ ବାସଗୃହ ବଣ୍ଟନ କରାଯାଇଛି। ପ୍ରଜ୍ଞାନ ମିଶନ ଦ୍ୱାରା ପରିଚାଳିତ ହରିହରାନନ୍ଦ ଆବାସ ଯୋଜନାରେ ଛଇତନା, ବଡ଼ଗାଁ, ଇତିଭୂୟାଁ, ଗଡ଼ଭିଙ୍ଗୁରା, ବେଲଦଳ, ବାଲିଗୁଆଳି, ସାତପଡ଼ା ପଞ୍ଚାୟତ ଓ ପୁରୀ ପୌରସଂସ୍ଥା ଅଧୀନ ୩୨ଟି ଗାଁରେ ବାତ୍ୟାରେ ବାସ ହରାଇଥିବା ୭୨ ପରିବାରକୁ ଚିହ୍ନଟ କରାଯାଇଥିଲା। ଏଥିରେ ଗାଁ ମୁଖିଆ ସହଯୋଗ କରିଥିଲେ। ଏହି ପରିବାରଙ୍କ ଲାଗି ହରିହରାନନ୍ଦ ଆବାସ ଯୋଜନାରେ ଗୃହ ନିର୍ମାଣ କରାଯାଇଥିଲା। ସୋମବାର ଏ ନେଇ ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଉପସ୍ଥିତ ହିତାଧିକାରୀ, ଗ୍ରାମବାସୀଙ୍କୁ କହିଥିଲେ, ଜୀବନରେ ପରିଶ୍ରମ କରିବାକୁ ପଡିବ। ପରିଶ୍ରମ ନ କରି ସୁବିଧା ସୁଯୋଗ ଖୋଜିବା ହେଉଛି ଏକ ମାନସିକ ରୋଗ। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ସ୍ୱାମୀ ସମର୍ପଣାନନ୍ଦ ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଗାଁ ମୁଖିଆ ଏବଂ ଗୃହ ନିର୍ମାଣରେ ନିୟୋଜିତ ରାଜମିସ୍ତ୍ରିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିତାଧିକାରୀଙ୍କୁ କମ୍ବଳ, ବାସନ ଏବଂ ବିଗ୍ରହ ପ୍ରଦାନ କରି ଗୃହ ସମର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ପରିଚାଳନା କରିଥିବାବେଳେ ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ, ସ୍ୱାମୀ ଦେବପ୍ରିୟାନନ୍ଦ, ସ୍ୱାମୀ ବୈରାଗ୍ୟାନନ୍ଦ, ନକୁଳ ପ୍ରଧାନ, କାର୍ତ୍ତିକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଆରମ୍ଭରେ ସ୍ୱାମୀ ବିଜ୍ଞାନାନନ୍ଦ ଓ ବ୍ରହ୍ମଚାରୀ ଓମାନନ୍ଦ ଭଜନ ପରିବେଷଣ କରିଥିଲେ। ହରିହରାନନ୍ଦ ବେଦନ ବିଦ୍ୟାଳୟର ବେଦପାଠୀମାନେ ବେଦ ପାଠ କରିଥିଲେ ।

# ସାଢ଼େ ୩ ଘଣ୍ଟା ମହିଳା ଭୋଗିଲେ ପ୍ରସବ ଯନ୍ତ୍ରଣା

**ଖୋର୍ଦ୍ଧା ଅଫିସ, ୩୦।୧୨**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅବ୍ୟବସ୍ଥା ପିଛା ଛାଡୁନି। ସୋମବାର ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ୧୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳା ଅସ୍ତ୍ରୋପଚାର ପାଇଁ ଆସିଥିଲେ। ସେମାନେ ପ୍ରସବ ବେଦନାରେ ଛଟପଟ ହେଉଥିଲେ। ତେବେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ ଅସ୍ତ୍ରୋପଚାର କରିବାକୁ ଆସି ନ ଥିଲେ। ଗର୍ଭ ବେଦନାରେ ଛଟପଟ ହେଉଥିବା ରୋଗୀଙ୍କ ସମ୍ପର୍କୀୟ ଏଡିଏମ୍‌ଓ(ମେଡିକାଲ) ଓ ସିଡିଏମ୍‌ଓଙ୍କୁ ବାରମ୍ବାର ଭେଟିବାକୁ ଚେଷ୍ଟା କରିଥିଲେ। ହେଲେ ସାକ୍ଷାତ ପାଇ ନ ଥିଲେ। ପୁଣି ଏଡିଏମ୍‌ଓ (ମେଡିକାଲ)ଙ୍କୁ ଫୋନ ଲଗାଇଥିଲେ। ହେଲେ ଫୋନ ଲାଗି ନ ଥିଲା। ସିଡିଏମ୍‌ଓଙ୍କ ଫୋନକୁ ଫୋନ କରିଥିଲେ। ସେ ଫୋନ ଉଠାଇ ନ ଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ୫ରୁ ଊର୍ଦ୍ଧ୍ୱ ମହିଳା ପ୍ରସବ ବେଦନା ସହି ନ ପାରି ଫେରି ଯାଇଥିଲେ। ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁପସ୍ଥିତିକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସାଢେ ୩ ଘଣ୍ଟାର ଅପେକ୍ଷା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ଜଟଣୀରୁ ଡାକ୍ତର ଆସିଥିଲେ। ଅପେକ୍ଷାରତ ୫ ଗର୍ଭବତୀଙ୍କର ଅସ୍ତ୍ରୋପଚାର ହୋଇଥିବା ଜଣାପଡିଛି।

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୭୫ ଥିବାବେଳେ ଏବେ ଏହାର ସଂଖ୍ୟା କମି ୩୪ରେ ପହଞ୍ଚିଛି। ଏପରିସ୍ଥଳେ କୌଣସି ବିଭାଗର ଡାକ୍ତର ଛୁଟିରେ ଗଲେ ସେହି ବିଭାଗ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହୁଛି। ଫଳରେ ଚିକିତ୍ସା ପାଇଁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଡାକ୍ତରଙ୍କ ସାକ୍ଷାତ ନ ପାଇ ନିରାଶ ହୋଇ ଘରକୁ ଫେରୁଛନ୍ତି। ଯାହାର ନଜିର ଦେଖିବାକୁ ମିଳିଥିଲା ସୋମବାର। ୨ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିବାବେଳେ ସେବା ମିଳିଲାନି। ଏ ନେଇ କଟକର ଶୈଳଭାମା ସୁବୁଦ୍ଧି କୁହନ୍ତି, ତାଙ୍କର ଜଣେ ସମ୍ପର୍କୀୟା ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଭର୍ତ୍ତି ହୋଇଥିଲେ। ପ୍ରସବ ବେଦନା ବଢ଼ି ଚାଲିଥାଏ। ହେଲେ ଡାକ୍ତରଙ୍କୁ ଦେଖିବାକୁ ମିଳି ନ ଥିଲା। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ସମେତ ପୁରୀ, ନୟାଗଡ, କଟକ ଜିଲାରୁ ଆସିଥିବା ଗର୍ଭବତୀ ମହିଳା ହଟହଟା ହୋଇଥିଲେ। ସିଡିଏମ୍‌ଓ ଫୋନ ନ ଉଠାଇବାରୁ ରୋଗୀଙ୍କ ଗୁରୁତର ଅବସ୍ଥା ଦେଖି କେତେଜଣ ସାମାଜିକ କର୍ମୀ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ଦ୍ୱାରିକାନାଥ ଶତପଥୀଙ୍କୁ ଜଣାଇଥିଲେ। ପରେ ଜଟଣୀରୁ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଆସିଥିଲେ। ମଧ୍ୟାହ୍ନ ସାଢେ ୧୨ଟାରେ ସେ ଆସି ୫ ଜଣଙ୍କ ଅସ୍ତ୍ରୋପଚାର କରିଥିଲେ। ବୋଲଗଡର ରାମଚନ୍ଦ୍ର ସାହୁ କୁହନ୍ତି, ସୋମବାର ଅବ୍ୟବସ୍ଥା ବଢ଼ିବାରୁ କିଛିଟା ସମାଧାନ ହେଲା। ତେବେ ପ୍ରତ୍ୟହ ଗର୍ଭବତୀ ହଟହଟା ହୋଇ ଆସୁଛନ୍ତି। ସେବାରେ ବିଭ୍ରାଟକୁ ଆଖି ଆଗରେ ରଖି କେହି ଅଭିଯୋଗ କରୁନାହାନ୍ତି। କାରଣ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କଲେ ସେବା ଠିକ୍‌ରେ ମିଳୁନାହିଁ। ରୋଗୀଙ୍କ ସମସ୍ୟା କେହି ବୁଝୁନାହାନ୍ତି। କିନ୍ତୁ ସବୁ କିଛି ଠିକ୍‌ଠାକ ଚାଲୁଛି ବୋଲି ସଫେଇ ଦେଇ ଚାଲିଛନ୍ତି।

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**
- **ସେବା ନ ପାଇ ଫେରିଗଲେ ୫ ଗର୍ଭବତୀ**
- **ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁପସ୍ଥିତିକୁ ନେଇ ଚାପା ଉତ୍ତେଜନା**
- **ଜଟଣୀରୁ ଡାକ୍ତର ଆସି କଲେ ଅସ୍ତ୍ରୋପଚାର**

### ଡ୍ୟୁଟି ଲିଷ୍ଟ ପ୍ରହସନ

ପ୍ରତ୍ୟହର ଡ୍ୟୁଟି ଲିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଝୁଲୁଛି। ତେବେ ଲିଷ୍ଟରେ ଯେଉଁ ଡାକ୍ତରମାନଙ୍କର ନାମ ରହୁଛି ଅଧିକାଂଶ ସମୟରେ ସେମାନେ ଆସୁ ନ ଥିବାରୁ ଏହା ପ୍ରହସନରେ ପରିଣତ ହୋଇଛି। ସୋମବାର ମଧ ସେପରି ଘଟିଥିଲା। ରିଲିଭର ନ ଆସି ଡାକ୍ତର ପଳାଇ ଯିବାରୁ ଗର୍ଭବତୀମାନେ ସେବା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଡ୍ୟୁଟିରେ ଥିବା ଡାକ୍ତର କେମିତି ରିଲିଭର ନ ଆସିବା ପୂର୍ବରୁ ଚିକିତ୍ସାଳୟରୁ ଘରକୁ ଚାଲିଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଏଡିଏମ୍‌ଓ(ମେଡିକାଲ) ରଘୁନାଥ ନାୟକ କୁହନ୍ତି, ରିଲିଭର ନ ଆସି ଡାକ୍ତର ପଳାଇ ଯିବାରୁ ସମସ୍ୟା ଦେଖା ଦେଇଥିଲା। ଆମେ ତା'ର ସମାଧାନ କଲୁ। ଜଟଣୀରୁ ଡାକ୍ତର ଆଣି ଅପରେଶନ କରାଗଲା। ଆଗକୁ ଏପରି ଘଟଣା ନ ଘଟିବାକୁ ଡାକ୍ତରଙ୍କୁ ତାଗିଦ୍ କରାଯାଇଛି ବୋଲି ସେ କହିଥିଲେ।